

# ସୁପ୍ରିମ୍ ଛାଟ




## ନିକଟରେ ସୋସିଆଲ ମିଡିଆରେ ଅଙ୍କୁଶ ଲଗାଇଛନ୍ତି ସୁପ୍ରିମ କୋର୍ଟ । ସୁପ୍ରିମ କୋର୍ଟଙ୍କର ଏହି ଛାଟକୁ ନେଇ ଅନେକ ଆଲୋଚନା ଆରମ୍ଭ ହୋଇଛି । ବର୍ତ୍ତମାନର ସମୟକୁ ସୋସିଆଲ ମିଡିଆର ଯୁଗ ବୋଲି କୁହାଯାଉଛି, ହେଲେ ସୋସିଆଲ ମିଡିଆ ଆମର ମଣିଷତ୍ୱକୁ ଧୀରେଧୀରେ ହଜାଇ ଦେଉଛି କି ବୋଲି ପ୍ରଶ୍ନ ବର୍ତ୍ତମାନ ଉଠିବାରେ ଲାଗିଛି ।

ଆଜିକାଲି ଯେ କୌଣସି ବୟସ କିମ୍ବା ବର୍ଗର ବ୍ୟକ୍ତି ହୁଅନ୍ତୁ ତାଙ୍କର ସୋସିଆଲ ମିଡିଆରେ ଆକାଉଣ୍ଟଟିଏ ଥିବ । ସମଗ୍ର ବିଶ୍ୱର ଖବର ଓ ଘଟଣାକୁ ସେ ଘରେ ବସିବସି ମୋବାଇଲରେ ଦେଖୁଥିବେ । ହେଲେ ଏହି ସୋସିଆଲ ମିଡିଆ ବର୍ତ୍ତମାନ କିଛି ଲୋକଙ୍କର ମୁଣ୍ଡ ବିନ୍ଧାର କାରଣ ସାଜିଛି । ଏଭଳି ଅନେକ ଘଟଣା ସାମନାକୁ ଆସୁଛି ଯେଉଁଥିରେ ସୋସିଆଲ ମିଡିଆର ଅପବ୍ୟବହାର ହେଉଥିବା ଜଣା ପଡୁଛି । ସୋସିଆଲ ମିଡିଆକୁ ବ୍ୟବହାର କରି ଅନ୍ୟର ଅପମାନ କରିବା, ଅନ୍ୟକୁ ସମସ୍ୟାରେ ପକାଇବା କିମ୍ବା ହଇରାଣ ହରକତ କରିବା ଭଳି ଘଟଣା ସାମନାକୁ ଆସୁଛି । ନିକଟରେ ଦିବ୍ୟାଙ୍ଗଙ୍କୁ ନେଇ ହୋଇଥିବା ମଜାକରେ ସୁପ୍ରିମ କୋର୍ଟ ଦେଇଥିବା ରାୟ ଚର୍ଚ୍ଚାର ବିଷୟ ପାଲିଟିଛି। ସୂଚନା ଅନୁସାରେ ସୁପ୍ରିମ କୋର୍ଟ ସୋସିଆଲ ମିଡିଆ ଇନ୍ଫ୍ଲୁଏନ୍ସର ରଣବୀର ଆଲାହବାଦିଆ ଓ ସମୟ ରୈନାଙ୍କ ବିରୋଧରେ ରାୟ ଦେଇଛନ୍ତି। ଉଭୟଙ୍କୁ ଭିଡିଓ କରି ସର୍ବସାଧାରଣରେ କ୍ଷମା ପାର୍ଥନା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହାପରେ ସୋସିଆଲ ମିଡିଆ ଉପରେ ଅଙ୍କୁଶ ଲାଗିଥିବା ନେଇ ଚର୍ଚ୍ଚା ଆରମ୍ଭ ହୋଇଛି । ଏହାସହ କୋର୍ଟ ସୂଚନା ଏବଂ ପ୍ରସାରଣ ମନ୍ତ୍ରାଳୟକୁ ସୋସିଆଲ ମିଡିଆ ବ୍ୟବହାର ପାଇଁ ଏକ ଗାଇଡ ଲାଇନ୍ ମଧ୍ୟ ପ୍ରସ୍ତୁତ କରିବା ପାଇଁ ନିର୍ଦ୍ଦେଶ ଜାରି କରିଛନ୍ତି ।

## ସୁପ୍ରିମ କୋର୍ଟଙ୍କ ଆଦେଶ

୧. ୟୁଟ୍ୟୁବର ସମୟ ରୈନା ଓ ରଣବୀର ଅଲାହବାଦିଆ ଏକ ଭିଡିଓ ପ୍ରସ୍ତୁତ କରି ସାର୍ବଜନିକ ସ୍ତରରେ କ୍ଷମା ମାଗିବେ । ନିଜେ କରିଥିବା ଥଟ୍ଟା ଉପରେ ସେମାନେ କ୍ଷମା ପାର୍ଥନା କରିବେ ।
୨. ଏହି ଭିଡିଓକୁ ସେମାନେ ନିଜ ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ ପୋଷ୍ଟ କରିବେ ।
୩. ସେମାନେ ଏକ ଆଫିଡେବିଟି ଦାଖଲ କରିବେ ଯେଉଁଥିରେ ସେମାନେ ଲିଖିତଭାବେ ଦେବେ କି ଭବିଷ୍ୟତରେ ନିଜ ସୋସିଆଲ ମିଡିଆ ସହ କମେଡିକୁ ଅନ୍ୟର





ଭାବନାକୁ ଆଘାତ ଦେବା ପାଇଁ ବ୍ୟବହାର କରିବେ ନାହିଁ ।

୪ . ନିଜ ପ୍ଲାଟଫର୍ମ ବ୍ୟବହାର କରି ବିଶେଷଭାବେ ଦିବ୍ୟାଙ୍ଗଙ୍କ ସମ୍ପର୍କରେ ଲୋକଙ୍କୁ ସଚେତନ କରିବେ ।

୫. ଆଇବିକୁ ନିର୍ଦ୍ଦେଶ ଦିଆଯାଇଛି କି ସୋସିଆଲ ମିଡିଆରେ ବ୍ୟବହାର ହେଉଥିବା ଭାଷା ପାଇଁ ଏକ ଗାଇଡ ଲାଇନ୍ ପ୍ରସ୍ତୁତ କରାଯିବାକୁ । ଯେଉଁଥିରେ ବିଶେଷଭାବେ ଦିବ୍ୟାଙ୍ଗଙ୍କୁ ସମ୍ମାନ ଦିଆଯିବ ।

## ବିବାଦର ଆରମ୍ଭ

ଏହି ବିବାଦର ଆରମ୍ଭ ହୋଇଥିଲା ୮ ଫେବ୍ରୁଆରୀରେ । ଇଣ୍ଡିଆ ଗଟ୍ ଲେଣ୍ଟେଟ ଶୋର ଏକ ଏପିସୋଡରେ ରଣବୀର ଅଲାହବାଦିଆ ଅଭିଭାବକଙ୍କୁ ନେଇ ଅଶ୍ଳୀଳ କମେଣ୍ଟ ପ୍ରଦାନ କରିଥିଲେ । ଏହାପରେ ଶୋରେ ଥିବା ସମସ୍ତଙ୍କ ବିରୋଧରେ କୋର୍ଟରେ ମାମଲା ରୁଜୁ ହୋଇଥିଲା । ଏହି ମାମଲା ଚାଲୁ ରହିଥିବାବେଳେ ସମୟ ରୈନାଙ୍କ ବିରୋଧରେ ଆଉ ଏକ ମାମଲା ରୁଜୁ ହୋଇଥିଲା । ସମୟ ରୈନା ଇଣ୍ଡିଆ ଗଟ୍ ଲେଣ୍ଟେଟ ଶୋର ମୁଖ୍ୟ । ତେବେ ତାଙ୍କ ବିରୋଧରେ ଏକ ଏନ୍ଜିଓ ମାମଲା ରୁଜୁ କରିଥିଲା । ଅଭିଯୋଗ ଅନୁସାରେ ସମୟ ରୈନା ନିଜର ଏକ ଷ୍ଟାଣ୍ଡଅପ କମେଡି ଶୋ ସମୟରେ ସ୍ପାଇନାଲ ମସ୍କୁଲାର ଅଟ୍ରୋଫି ରୋଗରେ ପୀଡିତ ଜଣେ ବ୍ୟକ୍ତିଙ୍କ ଉପରେ ମଜାକ ଉଡାଇଥିଲେ । ଯାହାକୁ ନେଇ ବିବାଦ ବଢିଥିଲା ଏବଂ କୋର୍ଟ ପର୍ଯ୍ୟନ୍ତ କେସ ପହଞ୍ଚିଥିଲା । ଯାହାର ଶୁଣାଣିରେ କୋର୍ଟ ଏଭଳି ଅଙ୍କୁଶ




ସୋସିଆଲ ମିଡିଆ ଉପରେ ଲଗାଇଥିବା ଦେଖିବାକୁ ମିଳିଛି ।

## ସମୟ ରୈନା

୨୭ ବର୍ଷୀୟ ସମୟ ରୈନା ପେଷାରେ ଜଣେ ଷ୍ଟାଣ୍ଡଅପ କମେଡିଆନ ଓ ୟୁଟ୍ୟୁବର । ତାଙ୍କର ସମୟ ରୈନା ନାମକ ଏକ ୟୁଟ୍ୟୁବ ଚ୍ୟାନେଲ ମଧ୍ୟ ରହିଛି । ଯେଉଁଥିରେ ସେ ଷ୍ଟାଣ୍ଡଅପ କମେଡି, ଗେମିଂ, ଚେସ୍ ଓ ବ୍ଲଗିଂ ଆଦି କରିଥାଆନ୍ତି । ତାଙ୍କ ଶୋ ଇଣ୍ଡିଆ ଗଟ ଲେଣ୍ଟେଣ୍ଟ ପରେ ତାଙ୍କର ପପୁଲାରିଟି ଖୁବ ବଢିଥିଲା । ଏହି ରିଆଲିଟି ଶୋରେ ବିଭିନ୍ନ ପ୍ରତିଯୋଗୀମାନେ ସାମିଲ ହୋଇଥାଆନ୍ତି । ସମୟଙ୍କ ବ୍ୟତିତ ଏହି ଶୋରେ ଅନ୍ୟ ଜଜ୍ ଓ ଗେଷ୍ଟମାନେ ମଧ୍ୟ ସାମିଲ ହୋଇଥାଆନ୍ତି । ଯେଉଁମାନେ ପ୍ରତିଯୋଗୀଙ୍କ ପ୍ରଦର୍ଶନ ଉପରେ ବିଭିନ୍ନ ପ୍ରକାରର କମେଣ୍ଟ ଦେଇଥାଆନ୍ତି । ହେଲେ ଏହି କମେଣ୍ଟରେ କମେଡି ମାଧ୍ୟମରେ ଅଶ୍ଳୀଳତାକୁ ପ୍ରଶୟ ଦିଆଯାଇଥାଏ ବୋଲି ଅଭିଯୋଗ ଆସିବା ପରେ ଏହି ଶୋ ବିବାଦକୁ ଆସିଥିଲା । ଶୋକୁ ନେଇ ଅନେକ ଅଭିଯୋଗ ଦାଖଲ ହୋଇଥିଲା, ବିବାଦ କୋର୍ଟକୁ ମଧ୍ୟ ଯାଇଥିଲା । ଯାହାପରେ ସମୟଙ୍କୁ ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି କୋର୍ଟ ସମସ୍ତଙ୍କ ପାଖରୁ ଭର୍ସନା ଶୁଣିବାକୁ ମିଳିଥିଲା । ତାଙ୍କୁ ମିଳୁଥିବା ତାଳି ଗାଳିରେ ପରିଣତ ହୋଇଥିଲା ।






# ରଣବୀର ଅଲହାବାଦିଆ

ନିଜର ପୋଡକାଷ୍ଟ ପାଇଁ ଖୁବ ପରିଚିତ ରଣବୀର । ୩୨ ବର୍ଷରେ ବେଶ ଫେମ୍ ପାଇଥିଲେ ହେଲେ ନିଜର ଏକ କମେଣ୍ଟପାଇଁ ସବୁ କିଛି ମାଟିରେ ମିଶି ଯାଇଥିଲା । ରଣବୀରଙ୍କର ସମୁଦାୟ ୭ଟି ୟୁଟ୍ୟୁବ ରହିଛି । ତାଙ୍କର ପୋଡକାଷ୍ଟ ଦି ରଣବୀର ଶୋ ବେଶ୍ ପପୁଲାର । ହେଲେ ଦି ଗ୍ରେଟ ଇଣ୍ଡିଆ ଲାଟେଣ୍ଟ ଶୋରେ ଦେଇଥିବା କମେଣ୍ଟ ପାଇଁ ତାଙ୍କୁ ବିବାଦର ସାମନା କରିବାକୁ ପଡିଥିଲା । ସେଥିପାଇଁ ତାଙ୍କର ଅନେକ ବର୍ଷର କ୍ୟାରିୟର ମଧ୍ୟ ବିବାଦକୁ ଆସି ଯାଇଥିଲା । ତାଙ୍କୁ ସୋସିଆଲ ମିଡିଆରେ ଅନେକ ଟ୍ରୋଲିଂର ଶିକାର ହେବାକୁ ପଡିଥିଲା । ପରିସ୍ଥିତି ଏପରି ହୋଇଥିଲା କି କିଛିଦିନ ପାଇଁ ତାଙ୍କୁ ସୋସିଆଲ ମିଡିଆ ସହିତ ନିଜ ଚ୍ୟାନେଲରୁ ଦୂରରେ ରହିବାକୁ ପଡିଥିଲା ।








# ପୂର୍ବରୁ ଲାଗିଛି ଅଙ୍କୁଶ

ସୁପ୍ରିମକୋର୍ଟଙ୍କ ଏହି ଅଙ୍କୁଶ ଏବେ ର ନୁହେଁ ପୂର୍ବରୁ ମଧ୍ୟ ଏହା ଉପରେ ଅଙ୍କୁଶ ଲାଗି ସାରିଛି । ପୂର୍ବରୁ ଏଭଳି ଘଟଣା ସମ୍ପର୍କରେ ଜଣା ପଡିଛି ଯେଉଁ ମାମଲା ଗୁଡିକର ଶୁଣାଣୀ କରି କୋର୍ଟ ସୋସିଆଲ ମିଡିଆ ସହିତ ଓଟିଟି ପ୍ଲାଟଫର୍ମ ଉପରେ କଟକଣା ଜାରି କରିଛନ୍ତି । କିଛି ମାସ ପୂର୍ବରୁ ଏକ ମାମଲାରୁ ଶୁଣାଣୀ କରି ସୁପ୍ରିମକୋର୍ଟ ୯ଟି ଓଟିଟି ସୋସିଆଲ ମିଡିଆ ପ୍ଲାଟଫର୍ମକୁ ନୋଟିସ ଦିଆଯାଇଥିଲା ।ଯେଉଁଥିରେ ସୁପ୍ରିମକୋର୍ଟ ସମ୍ପୃକ୍ତ ପ୍ଲାଟଫର୍ମଙ୍କ ପାଖରୁ ଜବାବ ମାଗିଥିଲେ । ଏହି ତାଲିକାରେ ୫ଟି ଓଟିଟି ଓ ୪ଟି ସୋସିଆଲ ମିଡିଆ ପ୍ଲାଟଫର୍ମ ସାମିଲ ରହିଥିଲା । ଓଟିଟିରେ ଉଲ୍ଲୁ ଡିଜିଟାଲ, ନେଟଫ୍ଲିକ୍ସ, ଆମାଜନ, ମୁବି, ଅଲ୍ଟ ବାଲାଜୀ ଏବଂ ସୋସିଆଲ ମିଡିଆରେ କ୍ରପ, ଗୁଗୁଲ, ମେଟା ଇଙ୍କ, ଆପ୍ପଲ ସାମିଲ ଥିଲା । ସୋସିଆଲ ମିଡିଆରେ ଅନେକ ଏଭଳି କଣ୍ଟେଣ୍ଟ ରହିଛି ଯେଉଁଗୁଡିକ ବିନା କୌଣସି ପ୍ରତିବନ୍ଧକରେ ପ୍ରସାରଣ କରାଯାଉଛି, ଯାହା ସମାଜ ପାଇଁ ଠିକ୍ ନୁହେଁ । ତେଣୁ ଏଗୁଡିକରେ କଟକଣା ଲାଗିବାର ଆବଶ୍ୟକତା ରହିଛିବୋଲି ସୁପ୍ରିମକୋର୍ଟ ମତ ଦେଇଥିଲେ । ଓଟିଟି ପ୍ଲାଟଫର୍ମରେ ପ୍ରସାରିତ ହେଉଥିବା କଣ୍ଟେଣ୍ଟରେ ଅଶ୍ଳିଳତା କମାଇବାକୁ ମଧ୍ୟ ଏଥିରେ ନିର୍ଦ୍ଦେଶ ଦିଆଯାଇଥିଲା । ଏହି ନିର୍ଦ୍ଦେଶରେ କେନ୍ଦ୍ର ସରକାରଙ୍କୁ ନିୟମ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ମଧ୍ୟ ଦିଆଯାଇଥିଲା । ରୁଜୁ ହୋଇଥଇବା ମାମଲାରେ ଓଟିଟି ପ୍ଲାଟଫର୍ମ ଗୁଡିକରେ କଣ୍ଟେଣ୍ଟ ନାଁରେ ଅଶ୍ଳୀଳତାକୁ ପ୍ରଶୟ ଦିଆଯାଉଥିବା ଅଭିଯୋଗ କରାଯାଇଥିଲା । ଯାହାର ଶୁଣାଣୀ କୋର୍ଟ କରିଥିଲେ । ବର୍ତ୍ତମାନର ଯୁଗ ସୋସିଆଲ ମିଡିଆ ଓ ଡିଜିଟାଲ ଯୁଗ ହୋଇଥିବାରୁ ଏହି କଣ୍ଟେଣ୍ଟ ଗୁଡିକ ସମାଜକୁ ପଥ ଭ୍ରଷ୍ଟ କରାଉଛି ବୋଲି ଏହି ମାମଲାରେ ଅଭିଯୋଗ ହୋଇଥିଲା । ତେଣୁ ଏଥିରେ ଅଙ୍କୁଶ ଲଗାଇବା ପାଇଁ କୋର୍ଟଙ୍କୁ ଅନୁରୋଧ କରାଯାଇଥିଲା ।

# ସେଲ୍ଫ ରେଗୁଲେସନ କୋଡ

୨୦୨୦ରେ ନେଟଫ୍ଲିକ୍ସ, ଆମାଜନ ଭଳି ୧୫ଟି ଓଟିଟି ପ୍ଲାଟଫର୍ମ ସେଲ୍ଫ ରେଗୁଲେସନ କୋଡ ତିଆରି କରିଥିଲେ । ଏହି ରେଗୁଲେସନ କୋଡ ଅନୁସାରେ ଭିନ୍ନଭିନ୍ନ ବୟସର ଲୋକଙ୍କ ପାଇଁ କଣ୍ଟେଣ୍ଟ ବାଣ୍ଟିବା ପାଇଁ ନିୟମ ରହିଥିଲା । ଏଥିରେ ପାଞ୍ଚ ପ୍ରକାରର କଣ୍ଟେଣ୍ଟ ଓଟିଟି ପ୍ଲାଟଫର୍ମରେ ଦେଖାଯିବ ନାହିଁ ବୋଲି ନିୟମ ରହିଥିଲା । ଏଥିରେ ରାଷ୍ଟ୍ରୀୟ ଭାବନାକୁ ଅପମାନ ଦେବା ଭଳି, ଶିଶୁଙ୍କୁ ନେଇ ଅଶ୍ଳୀଳତା କିମ୍ବା ଆତଙ୍କବାଦ ଭଳି ସମସ୍ୟା ଉପରେ କୌଣସି କଣ୍ଟେଣ୍ଟ ପ୍ରସାର କରାଯିବ ନାହିଁ ବୋଲି ନିୟମ କରାଯାଇଥିଲା । ସେହିଭଳି ଏଭଳି କୌଣସି କଣ୍ଟେଣ୍ଟ ପ୍ରସାରଣ କରାଯିବ ନାହିଁ ଯାହା ଉପରେ କୋର୍ଟ ରୋକ ଲଗାଇଥିବେ ।

# ବର୍ତ୍ତମାନର ନିୟମ

ସରକାରଙ୍କ ପକ୍ଷରୁ ୨୦୨୧ରେ ଦି ଇନ୍ଫର୍ମେଶନ ଟେକ୍ନୋ ।ଲୋଜିରୁଲ୍ସ ଅଣାଯାଇଥିଲା । ଏହାକୁ ୨୦୨୩ରେ ଅପଡେଟ ମଧ୍ୟ କରାଯାଇଥିଲା ।





ଏହି ଗାଇଡ୍ ଲାଇନରେ ସୋସିଆଲ ମିଡିଆ, ଓଟିଟି, ୱେବସିରିଜ ଓ ଫିଲ୍ମକୁ ନେଇ ଅନେକ ନିୟମ ଲଗାଯାଇଥିଲା । ଲାଗୁହୋଇଥିବା ଗାଇଡ ଲାଇନ୍ ଅନୁସାରେ ଆତ୍ମହତ୍ୟା ତଥା ନିଜକୁ କ୍ଷତି ପହଞ୍ଚାଇବା ଭଳି ସିନ୍ ଛୋଟପିଲା ଓ ଯୁବକଙ୍କୁ ଦେଖିବାକୁ ଅନୁମତି ଦିଆଯିବ ନାହିଁ। ଏଭଳି କଣ୍ଟେଣ୍ଟକୁ ଚେତାବନୀ ସହିତ ହାଇର କାଟୋଗୋରୀରେ ସାମିଲ କରାଯିବ । ସେହିଭଳି ଏଭଳି ଭାଷା, ଢେଗ କିମ୍ବା କଥାର ବ୍ୟବହାର ହେବ ନାହିଁ ଯାହା ଆମର କିମ୍ବା ଦେଶର ଗରିମାକୁ ଆଘାତ ପହଞ୍ଚାଇବା । ଦେଶର ଭାଷା ବିବିଧତା ଓ ସଂସ୍କୃତିକୁ ଧ୍ୟାନ ରଖିବାକୁ ହେବ । ସେହିଭଳି ନଗ୍ନତାକୁ ନେଇ ଦେଶରେ ଥିବା ଆଇନ ଅନୁସାରେ ହିଁ କଣ୍ଟେଣ୍ଟ ପ୍ରସ୍ତୁତ କରାଯିବ ଓ ପ୍ରସାରଣ କରାଯିବ । ସେହିଭଳି ସେକ୍ସୁଆଲ କଣ୍ଟେଣ୍ଟକୁ ହାଇଅର କ୍ଲାସିଫିକେସନ ଆଡଲ୍ଟ ସହିତ ପ୍ରସାରଣ କରିବାକୁ ପଡିବ । ଏଥିପାଇଁ ବୟସକୁ ବାଧ୍ୟତାମୂଳକ କରାଯିବ, ଯାହାର ସୀମା ୧୮ ବର୍ଷ ଧାର୍ଯ୍ୟ କରାଯାଇଛି ।

## ତଦାରଖ ପାଇଁ ନିୟମ

ସେଲ୍ଫ ରେଗୁଲେସନ ନିୟମକୁ ତଦାରଖ କରିବା ପାଇଁ ଅନ୍ୟ ଦୁଇଟି ନିମୟ ମଧ୍ୟ ରହିଛି । ପ୍ରଥମ ନିୟମ ଅନୁସାରେ ଏହା ସେଲ୍ଫ ରେଗୁଲେଟରୀ ହେବାକୁ ପଡିବ । ଅର୍ଥାତ କଣ୍ଟେଣ୍ଟ ଅପଲୋଡ କରୁଥିବା ବ୍ୟକ୍ତି ସରକାରଙ୍କର ଗାଇଡ୍ ଲାଇନ୍ସକୁ ଧ୍ୟାନ ରଖିବାକୁ ବାଧ୍ୟ । ଏହାସହ ସୋସିଆଲ ମିଡିଆ, ୟୁଟ୍ୟୁବ ଓ ଓଟିଟି ପ୍ଲାଟଫର୍ମ ମଧ୍ୟ ଏହି ନିୟମକୁ ଧ୍ୟାନ ଦେବେ । ସେମାନେ କୌଣସି କଣ୍ଟେଣ୍ଟ ପ୍ରସାରଣ କରିବା ଆଗରୁ ଏହା ଠିକ୍ କି ନାହିଁ ସେଥିପ୍ରତି ଧ୍ୟାନ ଦେବେ। ସମସ୍ତ କଣ୍ଟେଣ୍ଟ ନିୟମ ଅନୁସାରେ ପ୍ରସ୍ତୁତ ହୋଇଛି କି ନାହି । ତେବେ ଏହାପରେ ଦ୍ୱିତୀୟ ନିୟମରେ ଯଦି କୌଣସି କଣ୍ଟେଣ୍ଟ ନିୟମ ଅନୁସାରେ ପ୍ରସ୍ତୁତ ହୋଇ ନଥିବ ତେବେ ଏହାକୁନେଇ ଅଭିଯୋଗ କରାଯାଇପାରିବ। ଅଭିଯୋଗ ଦାଖଲ ହେବା ପରେ ଏହାକୁ ସମାଧାନ କରିବାକୁ ପଦକ୍ଷେପ ନିଆଯିବ । ଏହାକୁ ୧୫ ଦିନ ମଧ୍ୟରେ ସମାଧାନ କରିବାର ପ୍ରାବଧାନ ରହିଛି । ଯଦି ଏହି ଅଭିଯୋଗ ଶୁଣା ନଯିବ ତେବେ ସୂଚନା ମନ୍ତ୍ରାଳୟର ୱେବ୍‌ସାଇଟରେ ମଧ୍ୟ ଅଭିଯୋଗ କରିପାରିବେ ।

## ଭିନ୍ନ ଦେଶ ଭିନ୍ନ ନିୟମ

କେବଳ ଭାରତନୁହେଁ ବିଶ୍ୱର ଅନେକ ରାଷ୍ଟ୍ରରେ ସୋସିଆଲ ମିଡିଆ ପରିଚାଳନାକୁ ନେଇ ଅନେକ ନିୟମ ରହିଛି । ସମସ୍ତେ ଦେଶ ଏହି ନିୟମ ଭିତରେ ହିଁ ରହି ନିଜନିଜର ସୋସିଆଲ ମିଡିଆ ଓ ଓଟିଟିକୁ ପରିଚାଳନା କରିଥାଆନ୍ତି । ଏହି ନିୟମ ଦେଶ ଓ ଦେଶବାସୀଙ୍କ ଅନୁସାରେ ଭିନ୍ନଭିନ୍ନ ହୋଇଥାଏ।

## ଆମେରିକା

ଲୋକଙ୍କର କହିବାର ଅଧିକାର ଏଠାରେ ଖୁବ ଷ୍ଟ୍ରଙ୍ଗ ତେବେ ଏଠାରେ ମଧ୍ୟ ସୋସିଆଲ ମିଡିଆକୁ ନେଇ କିଛି ନିୟମ ରହିଛି । ଏଠାରେ ଥିବା କମ୍ୟୁନିକେସନ ଡିସେନ୍ସି ଆକ୍ଟର ସେକସନ୍ ୨୩୦ ଅନୁସାରେ ଆମେରିକାରେ ସୋସିଆଲ ମିଡିଆ ରେଗୁଲେସନ କରାଯାଇଥାଏ । ଏହି ଆକ୍ଟ ଅନୁସାରେ ସୋସିଆଲ ମିଡିଆ ପାଇଁ ଏଠାରେ ବିଭିନ୍ନ ପ୍ରକାର ନିୟମ ରହିଛି । ସେହିଭଳି ବିଭିନ୍ନ କଣ୍ଟେଣ୍ଟଙ୍କୁ ମନିଟର କରିବା ଏବଂ ସେମାନଙ୍କର ପ୍ରାଇଭେସିକୁ ଚେକ କରିବାକୁ ଏଫ୍ସିସି ଓ ଏଫଟିସି ଓଭର ସାଇଟର ବ୍ୟବସ୍ଥା ରହିଛି । ଏଠାରେ ଚିଲ୍ଡ୍ରେନ ଅନଲାଇନ ପ୍ରାଇଭେସି ପ୍ରୋଟେକସନ ଆକ୍ଟ ମଧ୍ୟ ରହିଛି । ଯାହା ୧୩ ବର୍ଷରୁ କମ ପିଲା କଣ ଦେଖିବେ ତାହା ମନିଟରିଂ କରିଥାଏ ।

## ୟୁରୋପିଆନ ୟୁନିଅନ

ଏଠାରେ ଡିଜିଟାଲ ସର୍ଭିସ ଆକ୍ଟ ରହିଛି ଯାହା କଣ୍ଟେଣ୍ଟମାନଙ୍କୁ ମନିଟରିଂ କରିଥାଏ । ସମସ୍ତ କଣ୍ଟେଣ୍ଟ କିଭଳି ଶିଶୁଙ୍କ ପାଇଁ ସୁରକ୍ଷିତ ହେବ ସେନେଇ ଅଧିକ ଧ୍ୟାନ ଦିଆଯାଇଥାଏ । ସେହିଭଳି ଜେନେରାଲ ଡାଟା ପ୍ରୋଟେକସନ୍ ରେଗୁଲେସନ ଆକ୍ଟ ମଧ୍ୟ ରହିଛି । ଏହା ଅଧିନରେ ଲୋକଙ୍କ ବ୍ୟକ୍ତିଗତ ତଥ୍ୟକୁ କିଭଳି ସୋସିଆଲ ମିଡିଆରେ ବିନା ଅନୁମତିରେ ବ୍ୟବହାର କରିହେବ ନାହିଁ ସେଥିପାଇଁ ନିୟମ ରହିଛି । ସେହିଭଳି ଏଠାରେ ଆଉ ଏକ ନିୟମ ରହିଛି, କଣ୍ଟେଣ୍ଟ ମୋଡରେସନ ଟ୍ରାନ୍ସପରେନ୍ସି । ଏହା ଅଧୀନରେ କଣ୍ଟେଣ୍ଟ ରିମୁଭ ବା ହଟାଇବାର ସମସ୍ତ ସୁବିଧା ଦିଆଯାଇଥାଏ ।

## ଚୀନ

ଚୀନରେ ସବୁଠାରୁ କଡାକଡି ନିୟମ ରହିଥାଏ । ଏଠାରେ ସୋସିଆଲ ମିଡିଆକୁ ନେଇ ସାଧାରଣ ଲୋକଙ୍କ ପାଇଁ ବିଭିନ୍ନ ନିୟମ ରହିଛି । ଏଠାରେ ସୋସିଆଲ ମିଡିଆ ପ୍ଲାଟଫର୍ମ ଯେପରି ଫେସବୁକ, ଇନ୍ଷ୍ଟାଗ୍ରାମ, ଏକ୍ସକୁ ବ୍ୟାନ୍ କରାଯାଇଛି। ଚୀନ ତାର ନିଜସ୍ୱ ପ୍ଲାଟଫର୍ମ ଯେପରି ଉଇଚାର୍ଟ, ଉଇବୋ ଓ ଡୁଇନକୁ ବ୍ୟବହାର କରିଥାଏ । ଏହି ସମସ୍ତ ଆପକୁ ବ୍ୟବହାର କରିବା ପାଇଁ ନିଜର ପ୍ରକୃତ ପରିଚୟ ପ୍ରମାଣ ପତ୍ର ଦେବାକୁ ହୋଇଥାଏ, ଯାହାକୁ ସରକାର ଖୁବ ସତର୍କତାର ସହିତ ମନିଟର ମଧ୍ୟ କରିଥାଏ । କେହି କିଛି ବି କମ୍ୟୁନିଷ୍ଟ ପାର୍ଟି ବିପକ୍ଷରେ ମତ ଦେଲେ ଏହାକୁ ରାଜନୈତିକ ସମ୍ବେଦନଶୀଳ ଘଟଣା ଭାବେ ବିବେଚନା କରାଯାଇଥାଏ । ଯାହାକୁ ତୁରନ୍ତ ଡିଲିଟ୍ କରାଯିବାର ନିୟମ ମଧ୍ୟ ରହିଛି ।

## ରୁଷ

ଏଠାରେ ମଧ୍ୟ ସରକାରଙ୍କର ତୀକ୍ଷ୍ଣ ନଜର ଭିତରେ ସୋସିଆଲ ମିଡିଆ ପ୍ଲାଟଫର୍ମ ରହିଥାଏ । ସରକାରଙ୍କ ହାତରେ ସୋସିଆଲ ମିଡିଆ ପ୍ଲାଟଫର୍ମକୁ ବ୍ଲକ କରିବାର କ୍ଷମତା ରହିଛି । ସରକାରଙ୍କ ଆଦେଶରେ ତୁରନ୍ତ କୌଣସି କଣ୍ଟେଣ୍ଟକୁ ଡିଲିଟ ମଧ୍ୟ କରିବାକୁ ହୋଇଥାଏ । ଏଠାରେ କୌଣସି ଘଟଣା ସମ୍ପର୍କରେ ମିଛ ତଥ୍ୟ ପ୍ରସାର କରିବା ଏକ ଅପରାଧ ହୋଇଥାଏ, ଯାହା ଜଣାପଡିଲେ ତୁରନ୍ତ ଡିଲିଟ୍ କରିବାକୁ ହୋଇଥାଏ । ତେବେ ଏଠାରେ ପ୍ଲାଟଫର୍ମଙ୍କ ଉପରେ ଅଧିକ ପରିମାଣର ଜରିମାନା ହୋଇନଥାଏ ।

## ଜର୍ମାନୀ

ଏଠାରେ ନେଟୱାର୍କ ଏନଫୋର୍ସମେଣ୍ଟ ଆକ୍ଟ ଅଧିନରେ ସୋସିଆଲ ମିଡିଆଗୁଡିକୁ ମନିଟରିଂ କରାଯାଇଥାଏ । ଏହି ଆକ୍ଟ ଅଧୀନରେ ସୋସିଆଲମିଡିଆ ପ୍ଲାଟଫର୍ମରେ ମିଛ ଖବର, ଅନୈତିକ କଣ୍ଟେଣ୍ଟ ଓ ହେଟ୍ ସ୍ପିଚକୁ ହଟାଇବାକୁ ହୋଇଥାଏ ଏବଂ ଏଗୁଡିକ ପୋଷ୍ଟ କରିଲେ ଅଧିକ ପରିମାଣର ଜରିମାନା ମଧ୍ୟ ଭରିବାକୁ ପଡିଥାଏ । ସେହିଭଳି ପ୍ରତ୍ୟେକ ସୋସିଆଲ ମିଡିଆ ଯେ କୌଣସି କଣ୍ଟେଣ୍ଟ ରିମୁଭ କଲେ ସରକାରଙ୍କୁ ରିପୋର୍ଟ ଦେବାକୁ ହୋଇଥାଏ ସମ୍ପୃକ୍ତ କଣ୍ଟେଣ୍ଟ କଣ ପାଇଁ ଏବଂ କେତୋଟି କଣ୍ଟେଣ୍ଟ ସେମାନେ ରିମୁଭ କଲେ ।





# ଜଳବାହିତ ରୋଗ

**ଅନେକ ଏଭଳି ଜୀବାଣୁ ଅଛନ୍ତି ଯାହା ଆମ ଅଜାଣତରେ ପିଇବା ପାଣି ଦ୍ୱାରା ଆମ ଶରୀରକୁ ଯାଇଥାଏ । ଏହି ଜୀବାଣୁଙ୍କ କାରଣରୁ ବିଭିନ୍ନ ପ୍ରକାରର ସମସ୍ୟା ଦେଖିବାକୁ ମିଳିଥାଏ । ତେବେ ଅନେକ ଏଭଳି ବ୍ୟକ୍ତି ଥାଆନ୍ତି ଯେଉଁମାନେ ଏନେଇ ସଚେତନ ନଥାନ୍ତି ଯେଉଁ କାରଣରୁ ନାନା ସମସ୍ୟା ସେମାନେ ଭୋଗି ଥାଆନ୍ତି ।**

ଜଳବାହିତ ରୋଗ କହିଲେ ଯେଉଁ ସ୍ୱାସ୍ଥ୍ୟ ସମସ୍ୟା ବ୍ୟାକ୍ଟେରିଆ, ଭାଇରସ ତଥା ପାରାସାଇଟ୍ ଦ୍ୱାରା ବ୍ୟାପିଥାଏ । ଏହି ସମସ୍ତ ଜୀବାଣୁ ବିଶେଷଭାବେ ପାଣି ସାହାଯ୍ୟରେ ଆମ ଶରୀରକୁ ଯାଇଥାଏ । ଯେତେବେଳେ ଆମେ ଦୂଷିତ ଜଳ ପିଇଥାଉ ସେତେବେଳେ ଏହା ଆମ ଶରୀରକୁ ଯାଇଥାଏ । ଭାରତରେ ଦେଖିବାକୁ ମିଳୁଥିବା ପ୍ରମୁଖ ଜଳବାହିତ ରୋଗ

## କଲେରା

ଭିବ୍ରିଓ କଲେରା ବ୍ୟାକ୍ଟେରିଆ ଦ୍ୱାରା ବ୍ୟାପୁଥିବା ଏହା ହେଉଛି ଏକ ସ୍ୱାସ୍ଥ୍ୟ ସମସ୍ୟା । ଏହା ବିଶେଷଭାବେ ପାଣିଦ୍ୱାରା ଆମ ଶରୀରକୁ ଯାଇଥାଏ । ଏହା ହେବାଦ୍ୱାରା ରୋଗୀର ଅତ୍ୟଧୀକ ଝାଡା, ବାନ୍ତି, ପେଟରେ ଯନ୍ତ୍ରଣା ଆଦି ସମସ୍ୟା ଦେଖିବାକୁ ମିଳିଥାଏ । ଏହି ସମସ୍ୟା ହେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବାର ଆବଶ୍ୟକତା ରହିଛି ।

## ଟାଇଫଡ

ଟାଇଫଡ ଜ୍ୱର ସାଲମୋନେଲା ଟାଇଫି ବ୍ୟାକ୍ଟେରିଆ କାରଣରୁ ଏହି ରୋଗ ହୋଇଥାଏ । ଏହି ଜ୍ୱର ହେଲେ ଦୁର୍ବଳତା ସହିତ ଅତ୍ୟଧିକ ତାପମାତ୍ରା, ପେଟରେ ଯନ୍ତ୍ରଣା, ମୁଣ୍ଡ ବିନ୍ଧା ଭଳି ସମସ୍ୟା ଦେଖିବାକୁ ମିଳିଥାଏ ।

## ହେପାଟାଇଟିସ

ବିଶେଷଭାବେ ଏହି ସମସ୍ୟା ଦୂଷିତ ପାଣି ଖାଦ୍ୟ କାରଣରୁ ବ୍ୟାପିଥାଏ । ତେଣୁ ପ୍ରତି ସମୟରେ ବିଶୁଦ୍ଧ ପାଣି ପିଅନ୍ତୁ । ହେପାଟାଇଟିସ ବିଶେଷଭାବେ ଆମର ଲିଭରକୁ ପ୍ରଭାବିତ କରିଥାଏ ।




## ଡାଇରିଆ

ପ୍ରଦୂଷିତ ଜଳ ପିଇବା ଦ୍ୱାରା ବ୍ୟାପୁଥିବା ଆଉ ଏକ ସମସ୍ୟା ହେଲା ଡାଇରିଆ । ଏହା ବିଭିନ୍ନ ଜୀବାଣୁ ଶିଗେଲା, ଇ କୋଲି ଓ ଆମୋଇବା ଭଳିଙ୍କ କାରଣରୁ ବ୍ୟାପିଥାଏ । ଏହି ସମସ୍ୟା ହେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ । ଏହାହେଲେ ଦୁର୍ବଳ ଲାଗିବା, ଏକାଧିକ ଥର ଝାଡା, ମୁଣ୍ଡ ବୁଲାଇବା, ପେଟରେ ଯନ୍ତ୍ରଣା ଭଳି ସମସ୍ୟା ଦେଖିବାକୁ ମିଳିଥାଏ ।

## କାରଣ

ଜଳବାହିତ ରୋଗର ବିଶେଷ କାରଣ ହୋଇଥାଏ ପ୍ରଦୂଷିତ ପାନୀୟଜଳ । ବିଷାକ୍ତ ଜଳ ଓ ଖାଦ୍ୟ ଖାଇବା ଦ୍ୱାରା ଏହି ସମସ୍ୟା ଦେଖିବାକୁ ମିଳିଥାଏ । ସେହିଭଳି ଆମେ ରୋଷେଇ କରୁଥିବା କିମ୍ବା ପାଣି ରଖୁଥିବା ସ୍ଥାନର ଆଖପାଖ ଯଦି ଅପରିଷ୍କାର ହୁଏ ତେବେ ମଧ୍ୟ ଏହି ସମସ୍ତ ରୋଗ ହେବାର ଆଶଙ୍କା ରହିଛି । ସେହିଭଳି ବନ୍ୟା କିମ୍ବା ବାତ୍ୟା ସମୟରେ ଏହି ରୋଗ ହେବାର ଆଶଙ୍କା ଅଧିକ ଥାଏ । ତେଣୁ ବର୍ଷାଦିନେ କିମ୍ବା ବନ୍ୟା ଆସିଥିବା ସମୟରେ ପିଇବା ପାଣିର ବିଶେଷ ଧ୍ୟାନ ରଖିବାକୁ ହୋଇଥାଏ । ତେଣୁ ସବୁବେଳେ ପାନୀୟ ଜଳର ଧ୍ୟାନ ରଖନ୍ତୁ । କିଭଳି ପରିଷ୍କାର ପାଣି ପିଇବେ ସେଥିପାଇଁ ଚେଷ୍ଟିତ ହୁଅନ୍ତୁ ।





## ମୃଣାଳ

mrinalchatterjeeiimc
@gmail.com

### ବର୍ଷା ଋତୁରେ ମାଛ ମାର୍କେଟ

ବର୍ଷା ଋତୁରେ ମାଛ ମାର୍କେଟ ଭାରି ପୂରିଲା ପୂରିଲା ଦିଶେ । ବିଭିନ୍ନ ଧରଣର ମାଛ ଆସି ପହଞ୍ଚେ । ଜିଅନ୍ତା କଉ ଖପର ଖପର ଡେଉଁଥାଏ ନୀଳ ପ୍ଲାଷ୍ଟିକ ଚାଦର ଉପରେ । ପ୍ଲାଷ୍ଟିକ ଗାମଲାରେ ରୋହି, ଭାକୁଡ଼, ମିରିକାଳି ମାଛ ପାଟି ପାକୁ ପାକୁ କରେ । କରାଣ୍ଡି ମାଛ ଗୋଟେ ଜାଗାରେ ଗଦା ହୋଇ ଥାଏ । ତା'ପାଖକୁ ଛୋଟ ଚିଙ୍ଗୁଡ଼ି । ଆଛା, ବର୍ଷା ଦିନେ ମାଛ ପେଟରେ ଅଣ୍ଡା ଆସେ । ଅଣ୍ଡା ଥିବା ମାଛ ସେତେ ସୁଆଦିଆ ଲାଗେ ନାହିଁ । ସେଦିନ ଜଣେ କ୍ରେତା ମାଛବାଲାକୁ ପଚାରିଲା, ଭାଇ, ଏ ମାଛ ପେଟରେ ଅଣ୍ଡା ହବ ? ମାଛବାଲା: ସାର୍, ମୁଁ ମାଛ ଓଜନ କରି ଦଉଛି, ଅଲଟ୍ରାସାଉଣ୍ଡ କରିନି ।

### ଛୁଟି

ଭାରତ ଏକ ଛୁଟି-ପ୍ରବଣ ଦେଶ । ବିଶେଷ କରି ସ୍କୁଲ କଲେଜରେ କାର୍ଯ୍ୟ ଦିବସଠୁ ଛୁଟି ଦିବସ ଅଧିକ ହୋଇଯାଉଛି । ଏମିତିରେ ଯାହା ସରକାରୀ ଭାବେ ଛୁଟି ଅଛି ତ ଅଛି, ତା'ବାହାରେ ପ୍ରତି ବର୍ଷ ନୂଆ ନୂଆ ଛୁଟି ଯୋଗ ହେଉଛି । ଗଲା କେଇ ବର୍ଷ ହେଲା ଖରା ହେଉଛି ବୋଲି ସ୍କୁଲ ଛୁଟି ହେଉଛି । ଦିଲ୍ଲୀରେ ଆଗରୁ ଜୋର ଥଣ୍ଡା ହେଲେ ସ୍କୁଲ ଛୁଟି ହେଉଥିଲା । ଏବେ ବାୟୁ ପ୍ରଦୂଷଣ ଛୁଟି ହେଉଛି । ବିହାର ଆସାମରେ ବନ୍ୟା ଛୁଟି ହୁଏ । ଏବର୍ଷ ବର୍ଷାରେ ରାଜସ୍ଥାନରେ ସ୍କୁଲ ଘର ଭୁଶୁଡ଼ି ଦଶ ପିଲା ମରିଗଲେ । ଏବେଠୁ ହୁଏତ ବର୍ଷାଦିନରେ ସ୍କୁଲ ଛୁଟି ହେବ, କାଳେ ବର୍ଷାରେ ସ୍କୁଲ ଛାତ ଭୁଶୁଡ଼ି ପଡ଼ିବ । ଏବର୍ଷ ଗଣେଶ ପୂଜା, ନୂଆଖାଇ ଦି ଦିନ ଛୁଟି ସହିତ ସରକାର ଆଉ ଗୋଟେ ଦିନ ଘୋଷଣା କରିଦେଲେ । ସେ ଦିନଟା କାହିଁକି ଛୁଟି ଘୋଷଣା କରାଗଲା ତାହା ଅଧିକାଂଶ ଲୋକ ଜାଣିନାହାନ୍ତି । ଏଥିକୁ ନବଘନ ମନ ଭାରି ଖରାପ । ନବଘନ ସରକାରୀ ଚାକିରି କରୁଥିଲା, ଅବସର ନେଇ ସାରିଛି । ମନ ଖରାପର କାରଣ ଭାବରେ କହିଲା, ହାୟ, ଆମ ବେଳେ ସରକାରୀ ଚାକିରିରେ କାହିଁକି ଏତେ ଛୁଟି ନ ଥିଲା ! ଆମେ କେତେ ଏନଜୟ କରିଥାନ୍ତୁ !

# ଉଦ୍ଦେଶ୍ୟହୀନ ସମାଜ

ଉଦ୍ଦେଶ୍ୟହୀନତା ଗୋଟେ ସମାଜର ଅଗ୍ରଗତିର ସବୁଠାରୁ ବଡ ଶତ୍ରୁ । ଏହା ସମାଜକୁ ସମ୍ପୂର୍ଣ୍ଣ ନଷ୍ଟ କରି ଦେଇପାରେ । ୧୯୬୮ରେ ଜଣେ ବୈଜ୍ଞାନିକ ଗୋଟିଏ ଆଦର୍ଶ ପୃଥିବୀ ତିଆରି କରିବାର ଯୋଜନା କଲେ । ଏଥିପାଇଁ ସେ ଗୋଟେ ପରୀକ୍ଷା କଲେ । ଏ ବୈଜ୍ଞାନିକଙ୍କ ନାଁ ଜନ ବି କାଲହନ (୧୯୧୭-୧୯୯୫) । ସେ ଜଣେ ଏଥଲଜିଷ୍ଟ । ଏଥଲଜି ହେଲା ପ୍ରାଣୀମାନଙ୍କ ବ୍ୟବହାର ସମ୍ପର୍କରେ ଗବେଷଣା । ସେ ଯେଉଁ ପରୀକ୍ଷା କରିଥିଲେ ତା ନାଁ ଦେଇଥିଲେ 'ୟୁନିଭର୍ସ ୨୫' । ମୂଷାମାନଙ୍କୁ ନେଇ ସେ ଏ ପରୀକ୍ଷା ନିରୀକ୍ଷା କରିଥିଲେ । ସେ ତିଆରି କରିବାପାଇଁ ଚାହୁଁଥିଲେ ଏମିତି ଏକ ସମାଜ ଯେଉଁଠି ଭୋକ ନ ଥିବ, ରୋଗ ନ ଥିବ, କୌଣସି ପ୍ରକାର ଷ୍ଟ୍ରଗଲ୍ ନ ଥିବ । କେହି ଆପଣଙ୍କୁ ମାରିପକେଇବାର, ଆପଣଙ୍କୁ ନଷ୍ଟ କରିଦେବାଭଳି କେହି ନଥିବେ । ଏକ ସଂପୂର୍ଣ୍ଣ ତ୍ରୁଟିଶୂନ୍ୟ ଦୁନିଆ । ସେଥିରେ କେବଳ ଗୋଟିଏ ଜିନିଷ ନାହିଁ ତାହା ହେଉଛି ଉଦ୍ଦେଶ୍ୟ । ଆଠଟି ମୂଷାଙ୍କୁ ନେଇ ସେ ଏ ପରୀକ୍ଷା ଆରମ୍ଭ କଲେ । ଏ ଆଠଟି ମୂଷାଙ୍କୁ ଗୋଟିଏ ଜାଗାରେ ରଖାଗଲା । ସେମାନଙ୍କୁ ଯଥେଷ୍ଟ ଖାଦ୍ୟ ଦିଆଗଲା । ସେମାନେ ଯେଉଁଠି ରହିବେ, ସେଠିକାର ତାପମାତ୍ରାକୁ ଆରାମଦାୟକ କରି ରଖାଗଲା । ସମୟକ୍ରମେ ଏ ମୂଷାମାନଙ୍କର ସଂଖ୍ୟା ବଢ଼ିଲା । ଧୀରେ ଧୀରେ ଆଠରୁ ଷୋହଳ । ଷୋହଳରୁ ଆହୁରି ବଢ଼ିବାପାଇଁ ଲାଗିଲା । ୫୬୦ ଦିନ ବେଳକୁ ମୂଷା ସଂଖ୍ୟା ଦୁଇହଜାରରେ ପହଞ୍ଚି ଗଲା ।



ତା'ପରଠୁ କ୍ରମଶଃ ଦେଖାଗଲାଯେ ମୂଷାମାନଙ୍କ ଭିତରେ କ୍ରମଶଃ ହିଂସାକାଣ୍ଡ ବଢୁଛି । ଅଣ୍ଡିରା ମୂଷାମାନେ ଆଗରୁ ତାଙ୍କର ଟେରିଟୋରି (ରହିବ ଜାଗା) କୁ ଯେମିତି ସୁରକ୍ଷା ଦେଉଥିଲେ, ତାହା କରିବା ବନ୍ଦ କରିଦେଲେ । କିଛି ମୂଷା, ମୂଷା ସମାଜରୁ ନିଜକୁ ସଂପୂର୍ଣ୍ଣ ବିଛିନ୍ନ କରିଦେଲେ । ସେମାନେ ଖାଇଲେ, ଶୋଇଲେ କିନ୍ତୁ ସନ୍ତାନ ଉତ୍ପାଦନ କଲେନାହିଁ । ଦେଖାଗଲାଯେ ମାଇ ମୂଷାମାନେ ତାଙ୍କ ପିଲାମାନଙ୍କୁ ତ୍ୟାଗ କରିଦେଲେ । ଛୋଟ ପିଲାମାନେ ଯତ୍ନ ଅଭାବରୁ ମରିବାପାଇଁ ଲାଗିଲେ । ସାମାଜିକ ଯେଉଁ ବନ୍ଧନ ସବୁ ଥିଲା ତାହା ଭାଙ୍ଗିଗଲା । ଆଉ ପିଲା ଜନ୍ମ ହେଲେ ନାହିଁ । ଖାଇବାର ଅଭାବ ନ ଥିଲା । ପ୍ରଜନନକ୍ଷମ ମାଇ ମୂଷା ଅଣ୍ଡିରା ମୂଷାର ଅଭାବ ନ ଥିଲା କିନ୍ତୁ ଆଉ ସନ୍ତାନ ଉତ୍ପାଦନ ହେଲେ ନାହିଁ । ୧୭୮୦ ଦିନ ବେଳକୁ ଶେଷ ମୂଷାଟି ମରିଗଲା । ଗୋଟେ ଦୁନିଆ ଯାହା ତିଆରି କରାଯାଇଥିଲା ଯେ ମୂଷାମାନେ ଆନନ୍ଦରେ ରହିବେ, ଆନନ୍ଦରେ ବଞ୍ଚିବେ, ସେମାନେ ବଞ୍ଚିବା ହିଁ ଭୁଲିଗଲେ । ଏ ଯେଉଁ ପରୀକ୍ଷା ନିରୀକ୍ଷା ସମଗ୍ର ମାନବ ସମାଜକୁ ଗୋଟେ ଆଇନା ଦେଖାଏ । ସେଥିରେ କୁହାଯାଏ ଯେ ଗୋଟେ ଦୁନିଆ ଯେଉଁଥିରେ କୌଣସି ଉଦ୍ଦେଶ୍ୟ ନାହିଁ, ସମ୍ପର୍କ ନାହିଁ, ଷ୍ଟ୍ରଗଲ୍ ନାହିଁ, ତାହା କେବେ ସ୍ୱର୍ଗ ହୋଇପାରେନା । ତାହା ବସ୍ତୁତଃ ଗୋଟେ ପିଞ୍ଜରା ହୋଇଯାଏ ଏବଂ ଏ ପିଞ୍ଜରାରେ ଜଣେ ଖୁବ୍ ବେଶୀ ସମୟ ଧରି ବଞ୍ଚି ପାରେନାହିଁ । ଗୋଟେ ସମାଜ ବି ବଞ୍ଚି ପାରିବ ନାହିଁ । 'ୟୁନିଭର୍ସ ୨୫' ପୁରୁଷ ପୁରୁଷ ଧରି, ପିଢ଼ି ପରେ ପିଢ଼ି ଧରି ଦାର୍ଶନିକ, ମନସ୍ତାତ୍ତ୍ୱିକ, ସିଟି ପ୍ଲାନର୍ସ ମଣିଷର ଭବିଷ୍ୟତକୁ ନେଇ ଯେଉଁମାନେ ସ୍ୱପ୍ନ ଦେଖୁଛନ୍ତି ତାଙ୍କପାଇଁ ଏକ ଚେତାବନୀ । କଳ୍ପିତ ସ୍ୱର୍ଗର ଏକ ପ୍ରତୀକ ବି ହେଲା । ଏହା ଆମକୁ ଚେତେଇ ଦେଲା ଯେ କେବଳ ଭୌତିକ ସୁଖ, ସୁବିଧା ଆମକୁ ଦୀର୍ଘକାଳ ଧରି ବଞ୍ଚେଇ ରଖି ପାରିବ ନାହିଁ । ଆମର ବଞ୍ଚିବା ପାଇଁ, ବଢ଼ିବା ପାଇଁ, ସଭ୍ୟତା ପାଇଁ ଆମ ଜୀବନର ଗୋଟେ ଅର୍ଥ ଦରକାର । ଆମର ପରସ୍ପରକୁ ଦରକାର । ଲକ୍ଷବିହୀନ ଉଦ୍ଦେଶ୍ୟ ବିହୀନ ଜୀବନ ଆଦୌ ଜୀବନହେଇ ରହିବ ନାହିଁ । ଏହା କ୍ରମଶଃ ଆମକୁ ମୃତ୍ୟୁ ଆଡକୁ ନେଇଯିବ ।

# ରଘୁ ମଉସା ଏବଂ କଟକର ଦହିବରା ଆଳୁଦମ





କଟକର 'ଦହିବରା ଆଳୁଦମ'କୁ (ଏବେ ତରୁଣ ପ୍ରଜନ୍ମ ତାକୁ ସଂକ୍ଷେପରେ 'ଡିବି-ଏବି' ବୋଲି କହୁଛନ୍ତି) ଲୋକପ୍ରିୟ କରେଇବାରେ ରଘୁନାଥ ସାସମାଲ (ରଘୁ ମାଉସା)ଙ୍କର ଗୋଟେ ବଡ଼ ଭୂମିକା ଅଛି । ଦହିବରା ଭାରତର, ବିଶେଷ କରି ଉତ୍ତର ଭାରତର ବହୁ ସ୍ଥାନରେ ଅଛି । କିନ୍ତୁ ଦହିବରା ସହିତ ଆଳୁଦମ ଆଉ ତା'ଉପରେ ସେଉ ପକେଇ ତାକୁ ଚାଟ ଭଳି କରିବାର ପ୍ରକ୍ରିୟା ହୁଏତ କଟକର ନିଜସ୍ୱ । ୫୦ ଦଶକରୁ ରଘୁନାଥ ସାସମଲ ଏହାକୁ ରାସ୍ତା କଡ଼େ ବିକ୍ରି ଆରମ୍ଭ କଲେ । ସେତେବେଳେ ତାଙ୍କୁ ୧୫ ବର୍ଷ ବୟସ । ଏହା ଜନପ୍ରିୟ ହେଲା । ଅନ୍ୟମାନେ ବି ରାସ୍ତା କଡ଼େ 'ଦହିବରା ଆଳୁଦମ' ବିକ୍ରି କଲେ । କ୍ରମଶଃ କଟକର 'ଦହିବରା ଆଳୁଦମ' ଏକ ବିଶେଷ ମାନ୍ୟତା ପାଇଲା । ଏହାର ଆରମ୍ଭ କିଏ କରିଥିଲେ ତାହା ଅଜଣା, ହେଲେ ଏହାକୁ ଜନପ୍ରିୟ କରେଇବାରେ ରଘୁ ମଉସାଙ୍କର ଭୂମିକା ଅଗ୍ରଗଣ୍ୟ । ଗଲା ଅଗଷ୍ଟ ୧୪ରେ ୯୪ ବର୍ଷ ବୟସରେ ରଘୁନାଥ ସାସମଲଙ୍କର ଦେହାନ୍ତ ହୋଇଛି ।

# ଆସିବ ଦହାଡ଼ ସିକ୍ୟୁଏଲ



୨୦୨୩ରେ ଫିଲ୍ମ ଦହାଡ ଜରିଆରେ ୱେବସିରିଜରେ ଏଣ୍ଟ୍ରି ମାରିଥିଲେ ସୋନାକ୍ଷୀ ସିହ୍ନା । ସେବେଠାରୁ ଦର୍ଶକ ଚାହିଁ ରହିଛନ୍ତି କେବେ ଏହାର ସିକ୍ୟୁଏଲ ଆସିବ । ତେବେ ନିକଟରେ ମିଳିଥିବା ସୂଚନା ଅନୁସାରେ ଖୁବଶୀଘ୍ର ଏହି ସିରିଜର ସିକ୍ୟୁଏଲ ଦର୍ଶକ ଦେଖିବାକୁ ପାଇବେ । ପ୍ରଥମ ସିରିଜରେ ବିଜୟ ବର୍ମାଙ୍କୁ ନକରାତ୍ମକ ଭୂମିକାରେ ଦେଖିବାକୁ ମିଳିଥିଲା । ଏହି ସିରିଜକୁ ଦର୍ଶକ ଖୁବ ଭଲ ପାଇବା ଦେବାସହିତ ଏକ ନମ୍ବର କରିଥିଲେ । ତେଣୁ ଏହାର ସିକ୍ୟୁଏଲକୁ ମଧ୍ୟ ଦର୍ଶକ ଖୁବ ଭଲ ପାଇବାଦେବେ ବୋଲି ମେକର୍ସ ଆଶା ରଖିଛନ୍ତି । ସୋନାକ୍ଷୀଙ୍କୁ ଏଥିରେ ପୁଣିଥରେ ଏସ୍ଆଇ ଅଞ୍ଜଳୀ ଚରିତ୍ରରେ ନଜର ଆସିବେ ।

# ହରର କମେଡି ପାଇଁ ଉତ୍ସାହିତ



ଅଜୟ ଦେବଗନଙ୍କ ହାତରେ ବର୍ତ୍ତମାନ ଅନେକ ପ୍ରୋଜେକ୍ଟ ରହିଛି । ଆଗକୁ ପାଖାପାଖି ୨ ବର୍ଷ ପର୍ଯ୍ୟନ୍ତ ସେ ବିଭିନ୍ନ ଫିଲ୍ମ ସାଇନ କରିଛନ୍ତି । ଆଗକୁ ତାଙ୍କର ଦୃଶ୍ୟମ ୩ ମଧ୍ୟ ପରଦାକୁ ଆସିବାକୁ ରହିଛି, ଯାହାର ସୁଟିଂ ଖୁବ ଶୀଘ୍ର ଆରମ୍ଭ ହେବ । ତେବେ କେବଳ ଏହି ଫିଲ୍ମ ନୁହେଁ ସୂଚନା ଅନୁସାରେ ଅଜୟଙ୍କୁ ଆଗକୁ ଏକ ହରର କମେଡିରେ ଦେଖିବାକୁ ମିଳିବ । ଯେଉଁଥିପାଇଁ ସେ ସ୍କ୍ରିପ୍ଟ ଶୁଣିବା ମଧ୍ୟ ଆରମ୍ଭ କରିଥିବା ଜଣା ପଡିଛି । ଆଜିଯାଏଁ ଅଜୟଙ୍କୁ ହରର କମେଡିରେ ଦର୍ଶକ ଦେଖିନାହାନ୍ତି, ତେଣୁ ଏହାକୁ ନେଇ ଅଜୟ ଖୁବ ଉତ୍ସାହିତ ଥିବା ଜଣା ପଡିଛି । ସେହିଭଳି ପ୍ରଥମଥର ପାଇଁ ଦର୍ଶକଙ୍କୁ କିଛି ନୂଆ ଚରିତ୍ର ଭେଟି ଦେବାକୁ ଯାଉଥିବାରୁ ଏଥିପାଇଁ ଅଜୟ ଖୁବ ପରିଶ୍ରମ କରିଥିବା ଜଣା ପଡିଛି । ଏହି ଖବର ଜଣା ପଡିବା ପରେ ଅଜୟଙ୍କ ଫ୍ୟାନ ଖୁବ ଅଛନ୍ତି ।

# ଫେରୁଛନ୍ତି ହିଟ ଯୋଡ଼ି





ଖୁବଶୀଘ୍ର ପରଦାରେ ରାଜକୁମାର ରାଓ ଓ ୱମିକା ଗବିଙ୍କୁ ଏକାଠି ଦେଖିବାକୁ ମିଳିବ । ପୂର୍ବରୁ ଭୁକ ଚୁକ୍ ମାଫରେ ଉଭୟଙ୍କର ଖୁବ ଭଲ କେମେଷ୍ଟ୍ରୀ ଦର୍ଶକ ଦେଖିବାକୁ ପାଇଥିଲେ । ତେଣୁ ଏହି ହିଟ୍ ଯୋଡିଙ୍କୁ ପୁଣି ମେକର୍ସମାନେ ବ୍ୟାକ କରାଇବାକୁ ଚାହୁଁଛନ୍ତି । ତେଣୁ ଖୁବଶୀଘ୍ର ଉଭୟଙ୍କୁ ବଡ ପରଦାରେ ପୁଣି ଏକାଠି ଦେଖିବାକୁ ମିଳିବ । ଉଭୟ ମଧ୍ୟ ନିଜର ଏହି ନୂଆ ପ୍ରୋଜେକ୍ଟକୁ ନେଇ ଖୁବ ଉତ୍ସାହିତ ଅଛନ୍ତି । ଉଭୟଙ୍କୁ ଏଥିପାଇଁ ନିଜର ଲୁକ ମଧ୍ୟ ଚେଞ୍ଜ କରିବାକୁ ପଡିବ ବୋଲି ଆଲୋଚନା ହେଉଛି । ଦର୍ଶକଙ୍କୁ ଉଭୟଙ୍କର ଏକ ନୂଆ ଲୁକ୍ ଏହି ଫିଲ୍ମରେ ଦେଖିବାକୁ ମିଳିବ ଏବଂ ଏହାକୁ ଦର୍ଶକ ପସନ୍ଦ କରିବେ ବୋଲି ମେକର୍ସ ଆଶା ରଖିଛନ୍ତି । ଉଭୟଙ୍କୁ ଉଜ୍ଜ୍ୱାଲ୍ ନିକମଙ୍କ ବାୟୋପିକରେ ଦେଖିବାକୁ ମିଳିବ ବୋଲି ଆଲୋଚନା ହେଉଛି ।

# ଏକତାଙ୍କ ଟିମରେ ତମନ୍ନା



ରାଗିନି ଏମଏମ୍ଏସକୁ ନେଇ ଅନେକ ସମୟରେ କ୍ରେଜ ଦେଖିବାକୁ ମିଳିଥାଏ । ଏହାର ଦୁଇଟି ଭାଗକୁ ଦର୍ଶକ ଖୁବ ଭଲପାଇବା ଦେଇଛନ୍ତି । ଯାହାଫଳରେ ଏକତା କପୁର ପୁଣି ଥରେ ଆଉ ଏକ ପାର୍ଟ ତିଆରି କରିବାକୁ ଅଣ୍ଟା ଭିଡିଥିବା ଜଣା ପଡିଛି । ଏହା ଭିତରେ ତାଙ୍କୁ ଫାଇନାଲ ସ୍କ୍ରିପ୍ଟ ମଧ୍ୟ ମିଳିଯାଇଥିବା ଜଣା ପଡିଛି । ଏହି ପାର୍ଟରେ ବର୍ତ୍ତମାନ ଏକତା କପୁର ତମନ୍ନା ଭାଟିଆଙ୍କୁ ସାମିଲ କରିଥିବା ଜଣା ପଡିଛି । ଏହି ଖବର ଜଣା ପଡିବା ପରେ ତମନ୍ନାଙ୍କ ଫ୍ୟାନ ଖୁବ ଖୁସି ଥିବା ଜଣା ପଡିଛି । ତମନ୍ନାଙ୍କୁ ଏକ ନୂଆ ଅବତାରରେ ଦେଖିବାକୁ ସେମାନେ ଖୁବ ଉତ୍କଣ୍ଠାର ସହିତ ଅପେକ୍ଷା କରିଛନ୍ତି । ସେହିଭଳି ଏହି ଫିଲ୍ମଟି ଏକତାଙ୍କ ଫ୍ରାଞ୍ଚାଇଜର ସବୁଠାରୁ ବଡ ପ୍ରୋଜେକ୍ଟ ହେବ ବୋଲି ମେକର୍ସ ଦାବି କରିଛନ୍ତି ।

# ଦିଆଙ୍କ ପରିବେଶ ଚିନ୍ତା



ନିକଟରେ ଅଭିନେତ୍ରୀ ଦିଆ ମିର୍ଜା ଫ୍ୟାମିଲି ଭ୍ୟାକେସନରେ ହିମାଚଳ ଯାଇଥିଲେ । ଟ୍ରିପର କିଛି ଭିଡିଓ ସେ ସୋସିଆଲ ମିଡିଆରେ ଅପଲୋଡ କରିଛନ୍ତି, ଯେଉଁଥିରେ ସେ ପୁଅ ଓ ସ୍ୱାମୀଙ୍କ ସହିତ ହିମାଚଳର ପ୍ରକୃତିକୁ ଉପଭୋଗ କରୁଥିବାର ଦେଖିବାକୁ ମିଳୁଛି । ତେବେ ଏହି ଭିଡିଓ ସହିତ ସେ ପ୍ରକୃତିର ଅଧିକ ଯତ୍ନ ଆମକୁ ନେବାକୁ ହେବ ବୋଲି ପରାମର୍ଶ ମଧ୍ୟ ଦେଇଛନ୍ତି । ନିକଟରେ କିଛି ମାସ ହେବ ପ୍ରକୃତିର କରାଳ ରୂପ ଦେଶ ପାହାଡିଆ ଅଞ୍ଚଳରେ ଦେଖିବାକୁ ମିଳୁଛି । ଯାହା ଅନେକ ଧନ ଜୀବନ ନଷ୍ଟ କରୁଛି । ତେଣୁ ବର୍ତ୍ତମାନ ଆମକୁ ଜଳବାୟୁ ପରିବର୍ତ୍ତନ ଉପରେ ଧ୍ୟାନଦେଇ ଜରୁରୀ ପଦକ୍ଷେପ ଗ୍ରହଣ କରିବାର ସମୟ ଆସିଛି ବୋଲି ଦିଆ ନିଜ ପୋଷ୍ଟରେ ଉଲ୍ଲେଖ କରିଛନ୍ତି । ଯଦି ଉଚିତ୍ ସମୟରେ ଏହି ପଦକ୍ଷେପ ନିଆ ନଯାଏ ତେବେ ଆମ ସମାଜ ପାଇଁ ଏହା ଗମ୍ଭୀର ସମସ୍ୟାଭାବେ ଉଭା ହେବ ବୋଲି ଦିଆ ମତ ଦେଇଛନ୍ତି ।



# ନାଆଁ ତା'ର ତଅପୋଇ

ସାଧବ ଘରର ଅଲିଅଳି କନ୍ୟା
ଅଟେ ସେ ଭାରି ଗେହ୍ଲେଇ
ସାତ ଭାଇରେ ସେ ଗୋଟିଏ ଭଉଣୀ
ନାଆଁ ତା'ର ତଅପୋଇ ॥
ଅଭିଶାପ ବଳେ ସେ ସାଧବ ଝିଅ
ହୋଇଥିଲା ମର୍ତ୍ତ୍ୟପୁରୀ
ପୂର୍ବ ଜନ୍ମେ ସିଏ ଥିଲା ଅପସରୀ
ପାଇ କେତେ ସୁଖଶିରୀ ॥
ବିଧବା ବ୍ରାହ୍ମଣୀ ବିଷ ମିଶାଇଲା
ଭାଉଜମାନଙ୍କ ମନେ
ଅବହେଳା କରି ତା' ଭାଉଜମାନେ
ପଠାଇଲେ ତା'କୁ ବନେ ॥
କନିଷ୍ଠ ଭାଉଜ ନିଳେନ୍ଦ୍ରୀଙ୍କଠାରୁ
ଆଦର ଯତନ ପାଇ
ସବୁ ଦୁଃଖ କଷ୍ଟ ଭୁଲି ଯାଇଥିଲା
ନିରିମାଖି ତଅପୋଇ ॥
ଘରମଣି ନାମେ ସୁଧାର ଛେଳିଟା
ଦିନେ ବନେ ହଜିଗଲା
ଏଇ ଛେଳି ପାଇଁ ଆମ ତଅପୋଇ
କେତେ ଯେ' ଦୁଃଖ ପାଇଲା ॥
ମାଆ ମଙ୍ଗଳାଙ୍କୁ ସୁମରଣା କରି
ଛେଳି ସେ ଫେରିପାଇଲା
ଭାଇଙ୍କ ମଙ୍ଗଳେ ଖୁଦରଂକୁଣିଙ୍କୁ
ଖୁଦ ମଣ୍ଡାରେ ପୂଜିଲା ॥
ଭାଦ୍ରବ ମାସର ରବିବାର ଦିନ
ପଡ଼େ ତଅପୋଇ ଓଷା
କୁଆଁରୀ କନିଆ ପାଳନ୍ତି ଏହାକୁ
ମନେରଖି କେତେ ଆଶା ॥

**ରାମ ଚନ୍ଦ୍ର ପ୍ରଧାନ**
ସାନ୍ତରାପଲ୍ଲୀ, ଗଞ୍ଜାମ
ମୋ: ୯୮୬୧୬୩୮୭୩୬

# ତା' କଥାଟି ମନେ ରହିଲା

ଟିକି ଚଢ଼େଇ
କହରେ ନ କରି ଜମା ବଢ଼େଇ ।
ବାଟ ନ ହୁଡ଼ି
କେତେ ଦୂର ଯାଏ ପାରିବୁ ଉଡ଼ି ।
ଗୁନାର ଗୁଡ଼ି
ଯେତେ ଉପରକୁ ଯାଏରେ ଉଡ଼ି ।
ବ୍ୟୋମଯାନ
ଯାଇପାରିବୁ ତା' ଉଡ଼ିବା ସ୍ଥାନ ।
ଭୁଁ ରକେଟ
ଯାଏ ଯେତେଦୂର ତା'ର ନିକଟ ।
ସେତିକି ଯାଏ
ଉଡ଼ିବା ପାଇଁ କି ସାହସ ପାଏ ।
କହିଲା ସିଏ
ଅଛି ଦୁଇ କୁନି ଡେଣା ମୋ ଇଏ ।
ଯେତିକି ବଳ
ଆଗରୁ ଶିଖିଛି ଯେ କଉଶଳ ।
ଉଡ଼େରେ ଉଡ଼େ
ଜମାରୁ ମୁହିଁ ତ ଥକି ନ ପଡ଼େ ।
ସେଥିରେ ଖୁସି
ହୁଏନି ଦୁଃଖୀ କି, ବସେନି ରୁଷି ।
ପାରେ ମୁଁ ଯାହା
ସେଥିରେ ଆନନ୍ଦ ପାଏରେ ଆହା ।
ସେ ଉଡ଼ିଗଲା
ହେଲେ ତା କଥାଟି ମନେ ରହିଲା ।

**ନୀଳମଣି ଚାନ୍ଦ**
ଗୋଠପାଟଣା, ଭୁବନେଶ୍ୱର
ମୋ: ୯୫୮୩୨୦୨୩୫୭

# ଗୁରୁ ସଖା ସହୋଦର

ଗୁରୁ ଜ୍ଞାନଦାତା ଗୁରୁ ବିଦ୍ୟାଦାତା
ଗୁରୁ ସଖା ସହୋଦର
ଗୁରୁ ବିନା ବିଦ୍ୟା ନଛୁଏଁ ପରାଣ
ଘୋଟି ଆସେ ଅନ୍ଧକାର ॥
ଅମା ଅନ୍ଧକାରେ ଆଲୋକର ଉତ୍ସ
ସିଏ ଜ୍ଞାନ ସୂତ୍ରଧର
ଶିଷ୍ୟଙ୍କ ଜୀବନେ ଭଗବାନ ସିଏ
ନ ମଣିବ ତାଙ୍କୁ ନର ॥
ଗୁରୁ ଗଢ଼ିଥାନ୍ତି ଶିଷ୍ୟର ଜୀବନ
ଦେଇ ଜ୍ଞାନ ବୁଦ୍ଧି ଭରା
ଗୁରୁଙ୍କର ସ୍ଥାନ ସବୁଠୁ ଉପରେ
ଜଗତେ ସେ ଶ୍ରେଷ୍ଠ ପରା ॥
ଗୁରୁ ବ୍ରହ୍ମାଗୁରୁ ବିଷ୍ଣୁ, ମହେଶ୍ୱର
ଗୁରୁହିଁ ପରମେଶ୍ୱର
ସଭିଙ୍କ ହିତରେ
କର୍ମ କରିଥାନ୍ତି
ତାଙ୍କୁ କୋଟି ନମସ୍କାର ॥
ସରଳ ଜୀବନ ଅଟଇ ତାଙ୍କର
ନଥାଏ ବାଛ ବିଚାର
ବିଦ୍ୟାଳୟେ ସିଏ ଭେଦଭାବ ଭୁଲି
କରନ୍ତି ସର୍ବେ ଆଦର ॥
ଗୁରୁ ଦିବସର ଶୁଭ ଅବସରେ
ଗୁରୁଙ୍କୁ ପୂଜିବା ଆସ
ତାଙ୍କ ଶୁଭାଶିଷେ ଭଲ ଚାଟ ହୋଇ
ରାଇଜେ ରଖିବା ଯଶ ॥



**ରାମଚନ୍ଦ୍ର ବେହେରା**
ତେନ୍ତୁଳିପଦା, ଜଗତସିଂହପୁର
ମୋ: ୭୩୫୫୬୩୪୩୪୬

# ଦିଆସିଲି

ଦେଖିବାକୁ ସିନା ଛୋଟିଆ ଦେହ
ମୁହିଁ ଦରକାର କାହାର ନୁହଁ ॥
ଗଢିଥାଏ ମୋତେ ନର ତା ହାତେ
ଲାଗିଥାଏ ମୁହିଁ ଜଗତ ହିତେ ॥
ଯଜ୍ଞବେଳେ ମୋତେ ଖୋଜେ ପଣ୍ଡିତ
ମୋ ବିନା ଆହୁତି ଜଳେ ନି ସତ ॥
ସନ୍ଧ୍ୟା ହେଲେ ଖୋଜେ ଘରେ ଘରଣୀ
ଧୂପ ଜାଳି କରେ ପ୍ରଭୁ ବରଣୀ ॥
ପାକ କରିବାକୁ ଲୋଡା ସବୁରି
ଘରଣୀ ରାନ୍ଧେ ତରକାରୀ ॥
ତଡି ଅନ୍ଧାରକୁ ଦିଏ ଆଲୋକ
ଶୁଖିଲା ଦରବ ମୋର ଖୋରାକ ॥
ଭାରି ମୋ ଆଦର ପେଟ୍ରୋଲ ଘୃତ
ତା' ପାଖେ ଜଳିଲେ ସେ ଭସ୍ମୀଭୂତ ॥
ଏମିତି ସେମିତି ନୁହେଁ ମୁଁ ଚିଜ
ଜାଗର ଜଳାଇ ପ୍ରଭୁଙ୍କୁ ଭଜ ॥
ଭାଇ ଭାଇ ଆମେ ଏକାଠି ରହୁ
କେହି କାହାକୁ ଯେ ଗାଳି ନ ଦେଉ ॥
ଭାଳି ହେଉ ଜଣେ ବାହାରି ଗଲେ
ଜାଣୁ ସେ ନିଶ୍ଚୟ ମରିବ ଭଲେ ॥
ସମ୍ପର୍କ ଗୁଣକୁ ମୋଠାରୁ ଶିଖ
ଭାଇ ପାଖେ ସଦା ଭାଇକୁ ରଖ ॥
ଜଳେ ଝିଲିମିଲି ମୁଁ ଦିଆସିଲି
ଉପକାର ପାଇଁ ମୁହିଁ ଆସିଲି ॥
ସାବଧାନ ରଖ ହେ ବିଜ୍ଞ ଜନେ
ନ ହେଲେ ଜଳିବ ଦୁନିଆଁ ଦିନେ ॥
ଅନ୍ୟକୁ ଯେ ମାରେ ସେ ନିଜେ ମରେ
ଭାବିକି ଦେଖ ହେ ଜନତା ଥରେ ॥



**ଦୀନବନ୍ଧୁ ପୋଇ**
ଗୋରଡା ପାଳ, ଢେଙ୍କାନାଳ
ମୋ: ୯୯୩୮୮୦୨୪୧୨

**ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆମେରିକାରେ ପ୍ରବେଶ କରିବାକୁ ଥିବା ଭାରତୀୟ ସାମଗ୍ରୀ ଉପରେ ୫୦ ପ୍ରତିଶତ ଟାରିଫ୍ ଲାଗୁକରିବା ପରେ ଭାରତର ୮୬.୫ ବିଲିୟନ ଡଲାରରୁ ଊର୍ଦ୍ଧ୍ୱ ମୂଲ୍ୟର ରପ୍ତାନି ପ୍ରଭାବିତ ହେବା ଆକଳନ କରାଯାଉଛି । ଅଧିକ ଟାରିଫ୍ ଲାଗୁ ଯୋଗୁ ଆମେରିକାକୁ ପ୍ରବେଶ କରୁଥିବା ପଣ୍ୟସାମଗ୍ରୀ ଦୁଇଗୁଣା ଟିକସ ବୋଝ ସହିବା ଆରମ୍ଭ କରିଛି । ଫଳରେ ଭାରତୀୟ ରପ୍ତାନି ଓ ନିଯୁକ୍ତି କ୍ଷେତ୍ର ପାଇଁ ସଙ୍କଟ ସୃଷ୍ଟି ହୋଇଛି ।**




# ଟାରିଫ୍ ଟ୍ରାଜେଡି

ରୁଷିଆଠାରୁ ତୈଳ କ୍ରୟ ବାବଦକୁ ଭାରତୀୟ ଆମଦାନୀ ଉପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଅତିରିକ୍ତ ୨୫% ଟାରିଫ୍ ସହ ମୋଟ ୫୦% ଶୁଳ୍କ ଲାଗୁ କରିଛନ୍ତି । ୟୁକ୍ରେନ୍ ଯୁଦ୍ଧ ପରଠୁ ରୁଷୀୟ ତୈଳରୁ ଭାରତ ୧୭ ବିଲିୟନ ଡଲାର ଲାଭ କରିଥି ବାବେଳେ ଟ୍ରମ୍ପଙ୍କ ଟାରିଫ ମାଡ଼ରେ ପ୍ରାୟ ୩୭ ବିଲିୟନ ଡଲାର ହରାଇବାକୁ ଯାଉଛି ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି । ଟ୍ରମ୍ପ ଭାରତ ଉପରେ ଘୋଷଣା କରିଥିବା ପାଲଟା ଶୁଳ୍କ ୨୦୨୫ ଅଗଷ୍ଟ ୭ରୁ ଲାଗୁ ହୋଇଥିବାବେଳେ ୨୭ ତାରିଖ ପରଠୁ ଆମେରିକାକୁ ପ୍ରବେଶ କରୁଥିବା ପଣ୍ୟସାମଗ୍ରୀ ଦୁଇଗୁଣା ଟିକସ ବୋଝ ସହିବା ଆରମ୍ଭ କରିଛି । ଅନ୍ୟପକ୍ଷେ ଭାରତ ନିଜ ପସନ୍ଦ ମୁତାବକ ଉତ୍ସରୁ ଶକ୍ତି କ୍ରୟ ଜାରି ରଖିବ ବୋଲି ଜଣାପଡ଼ିଛି । ତେବେ ୫୦ ପ୍ରତିଶତ ଟାରିଫ୍ ଯୋଗୁ ବାର୍ଷିକ ପ୍ରାୟ ୬୦ ବିଲିୟନ୍ ଡଲାରର କ୍ଷତି ହେବାକୁ ଥିବାବେଳେ ଏହାର ଭରଣା ପାଇଁ ଭାରତ ଲାଗିପଡ଼ିଛି । ତଦନୁସାରେ ପ୍ରାରମ୍ଭିକ ସ୍ତରରେ ଟେକ୍ସଟାଇଲ ଉତ୍ପାଦ ସମେତ ଅନ୍ୟ ସାମଗ୍ରୀଗୁଡ଼ିକୁ ୪୦ ଦେଶକୁ ରପ୍ତାନି କରିବା ପାଇଁ ଏକ ସ୍ୱତନ୍ତ୍ର ଯୋଜନା ହାତକୁ ନିଆଯାଇଛି । ୨୨୦ରୁ ଊର୍ଦ୍ଧ୍ୱ ରାଷ୍ଟ୍ର ସହ ଭାରତର ବାଣିଜ୍ୟ ସମ୍ପର୍କ ରହିଥିବାବେଳେ ରପ୍ତାନିରେ ବିବିଧତା ବଜାୟ ରଖିବା ପାଇଁ ଅନ୍ୟ ୪୦ ଦେଶ ସହିତ କାରବାର ବୃଦ୍ଧି ଯୋଜନା କରାଯାଇଛି । ଏହି ଦେଶଗୁଡ଼ିକ ମଧ୍ୟରେ ରହିଛି ଅଷ୍ଟ୍ରେଲିଆ, ବେଲ୍‌ଜିୟମ, କାନାଡା, ଫ୍ରାନ୍ସ, ଜର୍ମାନୀ, ଇଟାଲୀ, ଜାପାନ, ମେକ୍ସିକୋ, ପୋଲାଣ୍ଡ, ରୁଷିଆ, ସ୍ପେନ୍, ଦକ୍ଷିଣ କୋରିଆ, ତୁର୍କୀ, ନେଦରଲାଣ୍ଡ୍ସ, ୟୁଏଇ ଏବଂ ବ୍ରିଟେନ୍ । ଏହି ୪୦ ରାଷ୍ଟ୍ରକୁ ୫୯୦ ବିଲିୟନ୍ ଡଲାର ଟେକ୍ସଟାଇଲ ଓ ଆପାରେଲ ପଠାଗଲେ ଭରାତକୁ ନିଜ ମାର୍କେଟ ଶେୟାର ତ୍ୱରାନ୍ୱିତ କରିବା ପାଇଁ ସୁଯୋଗ ମିଳିବ । ଏକ୍ସପୋର୍ଟ ପ୍ରମୋଶନ୍ କାଉସିଲ୍ (ଇପିସି) ବିବିଧକରଣ ରଣନୀତିର ମେରୁଦଣ୍ଡ ହେବ । ଏଥିସକାଶେ ସୁରଟ, ପାନିପଥ, ତିରୁପୁର ଓ ଭଦୋହିରୁ ଉଚ୍ଚଚାହିଦାଯୁକ୍ତ ଉତ୍ପାଦଗୁଡ଼ିକୁ ପଠାଇବା ପାଇଁ ଚିହ୍ନଟ କରାଯିବ ବୋଲି ଜଣାପଡ଼ିଛି ।

ଟ୍ରମ୍ପଙ୍କ ଟାରିଫ୍ ଯୋଗୁ ଆମେରିକାରେ ପ୍ରବେଶ କରୁଥିବା ଭାରତୀୟ ସାମଗ୍ରୀଗୁଡ଼ିକ ସେହି ଦେଶରେ ମହଙ୍ଗା ହେବ । ଏଥିଯୋଗୁ ଭାରତର ଟେକ୍ସଟାଇଲ୍ସ ଓ କପଡ଼ା, ଜେମ୍ସ ଓ ଜୁଏଲେରି, ମାଛ ଓ ଚିଙ୍ଗୁଡ଼ି ଭଳି ସାମୁଦ୍ରିକ ଖାଦ୍ୟ, ଚମଡ଼ା ଓ ଜୋତା, ପ୍ରାଣୀ ଉତ୍ପାଦ, କେମିକାଲ୍ସ, ଇଲେକ୍ଟ୍ରିକାଲ ଓ ମେକାନିକାଲ ମେଶିନାରି ଭଳି ଘରୋଇ ସେକ୍ଟରଗୁଡ଼ିକ ସର୍ବାଧିକ ପ୍ରଭାବିତ ହେବା ଆଶଙ୍କା କରାଯାଉଛି । କେବଳ ଗତବର୍ଷ ଭାରତ ଆମେରିକାକୁ ୮୭,୬୦୦ କୋଟି ଟଙ୍କାର ଜେମ୍ସ ଆଣ୍ଡ ଜୁଏଲେରି ଭଳି ସାମଗ୍ରୀ ରପ୍ତାନି କରିଥିଲା । ସେହିପରି ଟାରିଫ ବଢ଼ିବା ପରେ ଡାଇମଣ୍ଡ ପଲିଶିଂର ଗ୍ଲୋବାଲ ହବ୍ ସୁରଟରେ ନକାରାମକ ପ୍ରଭାବ ଦେଖାଦେଇଛି । ଗତବର୍ଷ ଭାରତ ଅମେରିକାକୁ ୨୨,୮୦୦ କୋଟି ଟଙ୍କାର ସାମୁଦ୍ରିକ ଖାଦ୍ୟ ରପ୍ତାନି କରିଥିବାବେଳେ ଟେକ୍ସଟାଇଲ୍ସ କ୍ଷେତ୍ରରେ ୨ ବିଲିୟନ୍ ଡଲାର ରପ୍ତାନି ହୋଇଥିଲା । ସେହିପରି ୨୦୨୪ରେ ଅଟୋ ସେକ୍ଟରରେ ଆମେରିକାକୁ ଭାରତ ୫୮,୦୦୦ କୋଟି ଟଙ୍କାର ରପ୍ତାନି କରିଥିଲା । ଗତବର୍ଷ ଭାରତରୁ ଆମେରିକାକୁ ରପ୍ତାନି ହୋଇଥିବା ଔଷଧର ମୂଲ୍ୟ ଥିଲା ୩୧,୬୨୬ କୋଟି ଟଙ୍କା । ଏସବୁକୁ ଦୃଷ୍ଟିରେ ରଖି ଭାରତ ବର୍ତ୍ତମାନ ବିକଳ୍ପ ବଜାର ଖୋଜିବା ଆରମ୍ଭ କରିଛି ।

ଆମେରିକା ସୀମାଶୁଳ୍କ ଏବଂ ସୀମା ସୁରକ୍ଷା (ସିବିପି) ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ ପୋଷାକ, ରତ୍ନ ଓ ଅଳଙ୍କାର, ଚମଡ଼ା, ମେସିନ୍ ଯନ୍ତ୍ରପାତି, ଆସବାବପତ୍ର, ସାମୁଦ୍ରିକ ସାମଗ୍ରୀକୁ ଅତିରିକ୍ତ ଟାରିଫ୍ ପରିସରଭୁକ୍ତ କରାଯାଇଛି । ଫଳରେ ଭାରତରୁ ଆମେରିକାକୁ ରପ୍ତାନି ହେଉଥିବା ପୋଷାକ, ଚମଡ଼ା ସାମଗ୍ରୀ, ରତ୍ନ ଓ ଅଳଙ୍କାର ତଥା ଚିଙ୍ଗୁଡ଼ି ଆଦି ଶ୍ରମଭିତ୍ତିକ ରପ୍ତାନି ସେକ୍ଟର ସର୍ବାଧିକ ପ୍ରଭାବିତ ହେବ । ଏହି ସେକ୍ଟରର ରପ୍ତାନି ୭୦% ହ୍ରାସ ପାଇବା ଆଶଙ୍କା ରହିଛି । ଅନ୍ୟପକ୍ଷରେ ଇସ୍ପାତ, ତମ୍ବା, ଆଲୁମିନିୟମ, ଔଷଧ, ଇଲେକ୍ଟ୍ରୋନିକ୍ ସାମଗ୍ରୀ ଏବଂ ଏସୟୁଭି, ସେଡାନ ଭଳି ଗାଡ଼ିକୁ ଟାରିଫ୍ରୁ ବାଦ୍ ଦିଆଯାଇଛି ।

ବାଣିଜ୍ୟ ମନ୍ତ୍ରଣାଳୟ ଅନୁଯାୟୀ, ଅତିରିକ୍ତ ଟାରିଫ୍ ଯୋଗୁ ୨୦୨୪ ବାଣିଜ୍ୟ ମୂଲ୍ୟ ଆଧାରରେ ଆମେରିକାକୁ ଭାରତର ୪୮.୨ ବିଲିୟନ ଡଲାର ରପ୍ତାନି ପ୍ରଭାବିତ ହେବାକୁ ଯାଉଛି । ଭାରତୀୟ ଅର୍ଥନୀତି ପାଇଁ ଏହା ବଡ଼ ଚ୍ୟାଲେଞ୍ଜ ହେବାକୁ ଯାଉଥିବା ଗ୍ଲୋବାଲ ଟ୍ରେଡ୍ ରିସର୍ଚ୍ଚ ଇନିସିଏଟିଭ୍ (ଜିଟିଆର୍‌ଆଇ) ପକ୍ଷରୁ କୁହାଯାଇଛି । ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ଯୁଦ୍ଧ ବନ୍ଦ କରାଇବା ପାଇଁ ଟ୍ରମ୍ପ ଭାରତ ଉପରେ ଅତିରିକ୍ତ ଟାରିଫ୍ ଲଗାଇଥିବା ପୂର୍ବରୁ ହ୍ୱାଇଟ୍ ହାଉସ୍ ପ୍ରେସ୍ ସଚିବ କାରୋଲିନ୍ ଲିଭିଟ୍ଟ କହିଥିଲେ । ଭାରତ ରୁଷିଆରୁ ତେଲ କିଣି ଏହାକୁ ଅଧିକ ମୂଲ୍ୟରେ ବିକ୍ରି କରି ଫାଇଦା ଉଠାଉଥିବା ଆମେରିକା ଟ୍ରେଜେରି ସଚିବ ସ୍କଟ୍ ବେସେଣ୍ଟ ଅଭିଯୋଗ ଆଣିଥିଲେ । ତେବେ ଟ୍ରମ୍ପ ଯେତେ ଚେଷ୍ଟା କଲେ ମଧ୍ୟ ଜାତୀୟ ସ୍ୱାର୍ଥର ସୁରକ୍ଷା ପାଇଁ ରୁଷିଆରୁ ତେଲ କିଣା କେବେ ବନ୍ଦ ହେବ ନାହିଁ ବୋଲିଭାରତ ପକ୍ଷରୁ ସ୍ପଷ୍ଟ କରାଯାଇଛି ।



# ମନ୍ଦିର ବେଢ଼ା

**ଶ୍ରୀଜଗନ୍ନାଥଙ୍କ ମନ୍ଦିର ଶ୍ରୀଜୀୟୁଙ୍କ ଭଳି ଅନେକ ରହସ୍ୟରେ ପରିପୂର୍ଣ୍ଣ । ଶ୍ରୀଜଗନ୍ନାଥଙ୍କ ବେଢାରେ ଏଭଳି ଅନେକ ଛୋଟଛୋଟ ମନ୍ଦିର ରହିଛି ଯାହାର ଅନେକ ଗୁରୁତ୍ୱ ରହିଛି । ପ୍ରତିଦିନ ଏଠାକୁ ଆସୁଥିବା ଶ୍ରଦ୍ଧାଳୁଙ୍କର ବେଢାର ଏହି ଛୋଟଛୋଟ ମନ୍ଦିରରେ ଭିଡ ଯମୁଥିବାର ଦେଖିବାକୁ ମିଳିଥାଏ ।**

## ଚୁନା କୁଟା ଘର

ଜଗନ୍ନାଥଙ୍କୁ ଭୋଗ ଦେବା ପାଇଁ ଯେଉଁ ଚାଉଳ ଚୁନା ଦରକାର ହୁଏ ତାହାକୁ ଏହି ଘରେ ପ୍ରସ୍ତୁତ କରାଯାଇଥାଏ । ଏହି ଘରଟିରେ ଦୁଇଟି ବଖରା ରହିଛି ।

## ହାଣ୍ଡି କୁଡୁଆ ଘର

ଏଠାରେ ଠାକୁରଙ୍କର ଅମୁଣିଆ କୋଠ ସାମଗ୍ରୀ ଯେପରି କୁଡୁଆ, ଚାଉଳ ଆଦିକୁ ରଖାଯାଇଥାଏ ।

## ପେଜନଳା

ଅଭଡା ଅନ୍ନ ରନ୍ଧା ଯିବା ପରେ ଗୋଟିଏ ସ୍ଥାନରେ ଏକତ୍ରିତ କରି ରଖାଯାଇଥାଏ ଯେଉଁଠାରେ ଅନ୍ନରୁ ପେଜ ବୋହିଥାଏ । ଏହି ପେଜ ବୋହୁଥିବା ନଳାକୁ ପେଜ ନଳା ବୋଲି କୁହାଯାଇଥାଏ । ଏହି ନଳା ଦେଇ ପେଜ ଉତ୍ତରଦ୍ୱାରରେ ଥିବା କୁଣ୍ଡରେ ଯମା ହୋଇଥାଏ ।

## ରୋଷଘର

ଶ୍ରୀମନ୍ଦିରର ରୋଷଘରେ ସମସ୍ତ ଚୁଲି ରହିଛି । ଏଠାରେ କିଛି ନିର୍ଦ୍ଦିଷ୍ଟ ସେବକଙ୍କ ବ୍ୟତିତ ଅନ୍ୟମାନଙ୍କର ପ୍ରବେଶ ନାହିଁ । ଏଠାରେ ସମସ୍ତ ସାମଗ୍ରୀ ରନ୍ଧାଯାଇଥାଏ ।

## ଶ୍ରୀନୃସିଂହ ମନ୍ଦିର

ଏହି ମନ୍ଦିର ଟ୍ରଷ୍ଟବୋର୍ଡ ଦ୍ୱାରା ପରିଚାଳିତ । କୋଠରୁ ଦୈନିକ କାକରା ମାଝିଲି ୪ ମୂର୍ତ୍ତି ଓ ବଲ୍ଲଭ ଖଞ୍ଜା ରହିଛି ।

ବୁଢିମା ଠାକୁରାଣୀ ମନ୍ଦିର

ପ୍ରତିଦିନ ତାଟ ମହାପ୍ରସାଦ ଶ୍ରୀ ବିମଳାଙ୍କୁ ସମର୍ପଣ ହେବା ପରେ ଏହି ଠାକୁରାଣୀକୁ ସମର୍ପଣ କରାଯାଇଥାଏ । କୁମାରପୂର୍ଣ୍ଣିମା ଦିନ ଏଠାରେ ଠାକୁରାଣୀ ନୂଆ ଲୁଗା ଲାଗି କରାଯାଇଥାଏ ।

## ବାରଭୋଇ ମହାବୀର ମନ୍ଦିର

ଏହି ମନ୍ଦିରରେ ବାର ମୂର୍ତ୍ତି ଠାକୁର ଅଛନ୍ତି । ଏଠାରେ ଦୈନିକ ପୂଜା ପାଇଁ କୋରା, ସାନ କାକରା ଆଦି ଖଞ୍ଜା ଅଛି । ପଣାସଂକ୍ରାନ୍ତି ଦିନ ଏହି ମନ୍ଦିରପାଇଁ ବିଶେଷ ଖଞ୍ଜା ରହିଛି ।

## ନିର୍ମାଲ୍ୟ ଖଳା

ଏଠାରେ ଗୋଟିଏ ମଣ୍ଡପ ରହିଛି । ଏଠାରେ ପ୍ରତିଦିନ ଶ୍ରୀଜୀୟୁଙ୍କୁ ସମର୍ପିତ ଅନ୍ନ ଶୁଖାଯାଇଥାଏ । ଯାହାକୁ ନିର୍ମାଲ୍ୟ କୁହାଯାଇଥାଏ ଏହାକୁ ଶ୍ରୀମନ୍ଦିରରେ ବିକ୍ରି କରାଯିବାପାଇଁ ବ୍ୟବସ୍ଥା ମଧ ରହିଛି ।

## ପଞ୍ଚମୁଖୀ ମହାବୀର

ଏହି ଠାକୁରଙ୍କ ପାଇଁ କୌଣସି ଖଞ୍ଜା ନାହିଁ । ଏହି ମନ୍ଦିର ପାଖରେ ଥିବା କୂଅରୁ ବଗିଚା ଓ ଫୁଲ ବଗିଚାକୁ ପାଣି ଦିଆଯାଏ ।

## ଦୁର୍ଗାମାଧବ ମନ୍ଦିର

ଏହି ମନ୍ଦିର ପାଇଁ କୋଠରୁ ଦୈନିକ ଖଞ୍ଜା ରହିଛି, ଯେଉଁଥିରେ ବଲ୍ଲଭ, କୋରା ଓ କାକରା ସାମିଲ ଅଛି ।

**ଉପରୋକ୍ତ ତଥ୍ୟ ପରମାନନ୍ଦ ତ୍ରିପାଠୀଙ୍କ ଲିଖିତ ପୁରୁଷୋତ୍ତମ ଶ୍ରୀଜଗନ୍ନାଥ ସଂସ୍କୃତି ପୁସ୍ତକରୁ ଆନୀତ ।**






# ନୀଳବର୍ଣ୍ଣ ଶୃଗାଳ

**ପିଲାଦିନର ଅନେକ ଏଭଳି ଗପ ରହିଛି, ଯାହା ଆମକୁ ଜୀବନରେ କୌଣସି ନିଷ୍ପତ୍ତି ନେବା ଆଗରୁ ଏକାଧିକଥର ଭାବିବାର ଆବଶ୍ୟକତା ରହିଛି ବୋଲି ଶିକ୍ଷା ଦେଇଥାଏ । ସେହିଭଳି ମିଛର ସହାୟତା ନେଇ କୌଣସି କାର୍ଯ୍ୟ ସଫଳ ହୋଇପାରିବ ନାହିଁ ବୋଲି ମଧ୍ୟ ଏହି ଗପ ଶିକ୍ଷା ଦେଇଥାଏ ।**



ପିଲାଦିନେ ଆଇମା କାହାଣୀ ପେଡି ଖୋଲିଲେ ଅନେକ ଏଭଳି କାହାଣୀ ଶୁଣିବାକୁ ମିଳିଥାଏ ଯାହା ଛୋଟବେଳୁ ଆମକୁ ଅନେକ ନୀତିଶିକ୍ଷା ପ୍ରଦାନ କରିଥାଏ । ଏହି ତାଲିକାରେ ଅନେକ କାହାଣୀ ସାମିଲ ଥାଏ ଯାହା ଆମକୁ ବିଭିନ୍ନ ଶିକ୍ଷା ଦେଇଥାଏ । ସେହିଭଳି ଏକ ଗଳ୍ପ ହେଲା ନୀଳବର୍ଣ୍ଣ ଶୃଗାଳ ଯାହା ଆମକୁ ଅନେକ ଏଭଳି କଥା ଶିକ୍ଷା ଦେଇଥାଏ ଯାହାକୁ ଆମେ ଆମ ଦୈନନ୍ଦିନ ଜୀବନରେ ବ୍ୟବହାର କରିପାରିବା । ଏହା ଆମକୁ ଜୀବନରେ ସହଜ ଓ ସୁବିଧାରେ ଆଗକୁ ଯିବାକୁ ପ୍ରବର୍ତ୍ତାଇଥାଏ । ଏହି କାହାଣୀଟିର ମୂଳ ବସ୍ତୁ ଖୁବ ସୁନ୍ଦର ହୋଇଥାଏ । ଆସନ୍ତୁ ଜାଣିବା କାହାଣୀଟିର ମୂଳ ବସ୍ତୁ । ଏକଦା ଗୋଟିଏ ଜଙ୍ଗଲରେ ସମସ୍ତ ପଶୁ ପକ୍ଷୀ ମିଳିମିଶି ରହୁଥିଲେ । ସମସ୍ତେ ଏଠାରେ ସ୍ୱାଧୀନଭାବେ ନିଜ ଶିକାର କରି ଚଳିଥାଆନ୍ତି । ହେଲେ ଗୋଟିଏ ପଶୁ ବିଲୁଆ ଯିଏ ନିଜ ଖାଦ୍ୟ ନିଜେ ଯୋଗାଡ କରିପାରେ ନାହିଁ । ସିଏ ସବୁବେଳେ ଅପେକ୍ଷା କରିଥାଏ କେଉଁ ପଶୁ ନିଜ ଖାଦ୍ୟ ଅଧା ଛାଡିବା ପରେ ସେ ଖାଇବ । ଏହି ଭଳି ସେ ପ୍ରତିଦିନ କରିଥାଏ। କେଉଁ ବଡ ପଶୁ ଶିକାର କରି ଖାଇବା ପରେ



ବଳୁଥିବା ବଳକା ଅଇଁଠାକୁ ସେ ଖାଦ୍ୟ ଭାବେ ଗ୍ରହଣ କରିଥାଏ । ଏଭଳି ପ୍ରତିଦିନ ଘଟିଥାଏ , ବାଘ କିମ୍ବା ସିଂହ ହେଉ କିମ୍ବା ଅନ୍ୟ କୌଣସି ବଳୁଆ ଜୀବ ନିଜ ଶିକାରର ଅଧା ଅଂଶ ଛାଡିବା ପରେ ବିଲୁଆ ଏହାକୁ ଖାଦ୍ୟ ଭାବେ ଗ୍ରହଣ କରେ । ହେଲେ ଏହି କାରଣରୁ ବିଲୁଆକୁ କେହି ସମ୍ମାନ ଦେଇ ନଥାଆନ୍ତି । ତେଣୁ ବିଲୁଆ ସବୁବେଳେ ନିଜ ମନ ଭିତରେ ପ୍ରତିଶୋଧର ଭାବନା ରଖିଥାଏ । କିଭଳି ସମସ୍ତଙ୍କୁ ପାନେଦେବ ସେଥଇପାଇଁ ଚିନ୍ତା କରୁଥାଏ । ଏକଦା ବିଲୁଆଟି ଯାଉଯାଉ ଅନ୍ଧାରରେ ଏକ ଧୋବାର ନୀଳ କୁଣ୍ଡରେ ପଡିଗଲା । ଯାହାପରେ ତାର ବର୍ଣ୍ଣ ସମ୍ପୂର୍ଣ୍ଣ ନୀଳ ହୋଇ ଯାଇଥିଲା । ନିଜେ ବିଲୁଆ ନିଜକୁ ଚିହ୍ନି ପାରିଲା ନାହିଁ । ଏହାପରେ ତାର ମୁଣ୍ଡକୁ ଏକ ଖରାପ ଉପାୟ ଜୁଟିଲା । ସେ ତାର ଏହି ବର୍ଣ୍ଣର ଫାଇଦା ଉଠାଇ ଅନ୍ୟ ପଶୁଙ୍କୁ ହଇରାଣ କରିବାକୁ ଚିନ୍ତା କଲା । ସେ ନିଜକୁ ଭଗବାନଙ୍କର ଦୂତ ବୋଲି ବଣର ପଶୁଙ୍କ ଆଗରେ କହିଲା । ଭଗବାନ ତାକୁ ଜଙ୍ଗଲକୁ ଶାସନ କରିବାକୁ ପଠାଇଛନ୍ତି । ତେଣୁ ସେ ବର୍ତ୍ତମାନ ଜଙ୍ଗଲର ନୂଆ ରାଜା ବୋଲି ନିଜକୁ କହିଲା । ତାର ବିରଳ ନୀଳ ରୂପଦେଖି ପଶୁମାନେ ତାର ମିଛକୁ ସତ ବୋଲି ଭାବିଲେ । ବିଲୁଆଟି ପଶୁ ମାନଙ୍କୁ ତାର ଅନେକ କାମରେ ଲଗାଇଲା । ସେମାନେ ତାର ସବୁ ସେବା କରିବାରେ ଲାଗିଲେ । ସେମାନେ ଶିକାର କରି ଆଣି ଦେଲାପରେ ବିଲୁଆ ଖାଉଥିଲା । ସେ ଖାଇବାପରେ ଯାଇ ଅନ୍ୟ ପଶୁ ଖାଦ୍ୟ ଖାଉଥିଲେ । ସମସ୍ତେ ତାର ଅଇଁଠା ଖାଉଥିଲେ । ଏହାସହ ସେ ପଶୁମାନଙ୍କୁ ଅନେକ ହଇରାଣ ହରକତ କରୁଥିଲା । ତାର ଏଭଳି ବ୍ୟବହାରରେ ସମସ୍ତ ପଶୁ ଅତିଷ୍ଠ ହୋଇ ପଡିଥିଲେ । ତେବେ ଏହାରି ଭିତରେ କିଛି ବିଲୁଆଙ୍କୁ ନୀଳବର୍ଣ୍ଣ ଶୃଗାଳ ଉପରେ ସନ୍ଦେହ ବଢିଥିଲା । ଏହି ବିଲୁଆ ଗୁଡିକ ନୂଆ ରାଜାଙ୍କର ପରୀକ୍ଷା ନେବାକୁ ଚାହିଁଲେ । ବିଲୁଆମାନଙ୍କର ଏକ ଅଭ୍ୟାସ ଅଛି ଯଦି ଜଣେ ବିଲୁଆ ଭୁକିବ ତେବେ ଆଖପାଖରେ ଥିବା ସମସ୍ତ ବିଲୁଆ ମଧ୍ୟ ଭୁକିବେ । ଏହି କଥାରୁ ବଞ୍ଚିବାକୁ ନୂଆ ରାଜା ନିଜ ପାଖରେ ବିଲୁଆଙ୍କୁ କେବେ ବି ଭୁକିବାକୁ ଦିଅନ୍ତି ନାହିଁ । ହେଲେ ବଣର ଅନ୍ୟ ବିଲୁଆ ସତ ଜାଣିବା ପାଇଁ ଦିନେ ରାଜାଙ୍କ ଗୁମ୍ଫା ପାଖରେ ଏକାଥରେ ଭୁକିଲେ । ଏହା ଶୁଣିବା ପରେ ନୀଳ ବର୍ଣ୍ଣ ଶୃଗାଳ ଆଉ ନିଜକୁ ରୋକି ରହିପାରିଲା ନାହିଁ ଏବଂ ଭୁକିବାକୁ ଲାଗିଲ । ଏହା ଦେଖି ସମସ୍ତେ ପଶୁ ସେ ବିଲୁଆ ବୋଲି ଜାଣି ପାରିଲେ ଏବଂ ତାକୁ ମାରିବାକୁ ଗୋଡାଇଲେ । ଏହାପରେ ବିଲୁଆଟି ସେହି ଜଙ୍ଗଲ ଓ ତାର ଘର ଛାଡି ଅନ୍ୟତ୍ର ଚାଲିଗଲା । ତେଣୁ କେବେ ହେଲେ ବି ମିଛର ସାହାରା ନେଇ ଅନ୍ୟଙ୍କୁ ସମସ୍ୟାରେ ପକାଇବା ଉଚିତ୍ ନୁହେଁ ବୋଲି ଏହି ଗଳ୍ପରୁ ଶିକ୍ଷା ମିଳିଥାଏ ।




# ଆହୁରି ଖେଳ ବାକି ଅଛି

ପ୍ରଥମେ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ ଓ ପରେ ଏସିଆ କପରୁ ବାଦ ପଡ଼ିଥିଲେ ଭାରତୀୟ ଟିମର ଦ୍ରୁତ ବୋଲର ମହମ୍ମଦ ସାମି । ଫିଟନେସ ସମସ୍ୟା ଦେଇ ଗତି କରୁଥିବା ସାମି ଭାରତୀୟ ଟିମରୁ ବାଦ ପଡୁଥିବାରୁ ଅବସର ଚର୍ଚ୍ଚା ଜୋର ଧରିଥିଲା । ଏସବୁ ଭିତରେ ସାମି ଅବସର ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି । ଜାତୀୟ ଦଳକୁ ଫେରିବା ପାଇଁ ସେ ଘରୋଇ କ୍ରିକେଟ ଖେଳିବା ଜାରି ରଖିବେ ବୋଲି କହିଛନ୍ତି ।

ଶେଷଥର ପାଇଁ ଚାମ୍ପିୟନ୍ସ ଟ୍ରଫିରେ ନଜର ଆସିଥିବା ସାମି ନିଜର ଭବିଷ୍ୟତ ସମ୍ପର୍କରେ ମତ ରଖିବା ବେଳେ ବିସ୍ଫୋରକ କଥା କହିଛନ୍ତି । କାହା ସହ ତାଙ୍କର ସମସ୍ୟା ରହିଛି କି ବୋଲି ସେ ପ୍ରଶ୍ନ କରିଛନ୍ତି । ଅବସର ପାଇଁ ସେ କୌଣସି ଯୋଜନା କରି ନାହାନ୍ତି ଓ ତାଙ୍କ ଭିତରେ ଅନେକ କ୍ରିକେଟ ବାକି ରହିଛି । ଏବେ ସେ ଘରୋଇ କ୍ରିକେଟରେ ଅଧିକ ପରିଶ୍ରମ କରିବେ ଓ ଭାରାତୀୟ ଟିମକୁ ଫେରି ୨୦୨୭ ଦିନିକିଆ ବିଶ୍ୱକପ ଖେଳିବାକୁ ଲକ୍ଷ୍ୟ ରଖିଥିବା ଆଶା କରିଛନ୍ତି ।

ସାମି କହିଛନ୍ତି ଯଦି ମୋ ସହ କାହାର କିଛି ସମସ୍ୟା ରହିଛି, ତା'ହେଲେ ମୋତେ କହିପାରିବେ । ଯଦି ମୁଁ ଅବସର ନେଲେ କାହା ଜୀବନରେ ଭଲ ପରିବର୍ତ୍ତନ ହେବ, ତା'ହେଲେ ମୁଁ ଅବସର ନେବାକୁ ପ୍ରସ୍ତୁତ । କାହା ଜୀବନକୁ ମୁଁ ପୂରା ପଥର କରି ଦେଇଛି ଯେ ମୋତେ ଆପଣ ଅବସର ନେବାକୁ କହୁଛନ୍ତି? ଯେଉଁ ଦିନ ମୁଁ ବିରକ୍ତ ଅନୁଭବ କରିବି, ସେଦିନ ସବୁ ଛାଡ଼ି ଦେବି । ଆପଣମାନେ ମୋତେ ନେଉ ନାହାନ୍ତି । କିନ୍ତୁ ମୁଁ ଅଧିକ ପରିଶ୍ରମ କରିବି । ଆପଣମାନେ ଅନ୍ତର୍ଜାତୀୟ କ୍ରିକେଟ ପାଇଁ ମୋତେ ଚୟନ କରୁ ନାହାନ୍ତି, ମୁଁ ଘରୋଇ କ୍ରିକେଟ ଖେଳିବି । ମୁଁ ଏଠି ନହେଲେ ସେଠି ଖେଳିବି । ଆପଣ କେଉଁଠି ବିରକ୍ତ ଅନୁଭବ କରୁଛନ୍ତି, ସେକଥା ନିଜେ ନିଷ୍ପତ୍ତି ନେବେ । ଏବେ ମୋ ପାଇଁ ସେହି ସମୟ ଆସିନାହିଁ । ୨୦୨୩ ଦିନିକିଆ ବିଶ୍ୱକପ ଫାଇନାଲରେ ଅଷ୍ଟ୍ରେଲିଆଠାରୁ ଭାରତ ହାରି ଯାଇଥିଲା । ସେକଥାକୁ ମନେ ପକାଇ ସାମି କହିଛନ୍ତି, ମୋର ଗୋଟିଏ ସ୍ୱପ୍ନ ବାକି ରହିଛି । ସେଇଟା ହେଲା ଦିନିକିଆ ବିଶ୍ୱକପ ଜିତିବା । ମୁଁ ସେହି ଟିମର ଅଂଶ ବିଶେଷ ହେବାକୁ ଚାହୁଁଛି ଓ ନିଜର ପ୍ରଦର୍ଶନ ଜରିଆରେ ଦିନିକିଆ ବିଶ୍ୱକପ ଜିତି ସ୍ୱଦେଶ ଆଣିବାକୁ ଅପେକ୍ଷା କରିଛି । ଆମେ ୨୦୨୩ରେ ଅତି ନିକଟରେ ଥିଲୁ ।

ଆମ ଅନ୍ତରଆତ୍ମା କହୁଥିଲା ଆମେ ଜିତିବୁ । କିନ୍ତୁ ଆମେ ଲଗାତର ଜିତୁଥିବାରୁ ଗୋଟିଏ ଭୟ ମଧ୍ୟ ରହିଥିଲା । ତାହା ନକଆଉଟ ଷ୍ଟେଜ ମଧ୍ୟ ଥିଲା । ନିଶ୍ଚିତ ଭାବେ କିଛି ଭୟ ରହିଥିଲା । କିନ୍ତୁ ଫ୍ୟାନ୍ସଙ୍କ ଉତ୍ସାହ ଓ ବିଶ୍ୱାସ ଆମକୁ ପ୍ରେରଣା ଦେଇଥିଲା । ସେହି ସ୍ୱପ୍ନ ପୂରଣ ହୋଇପାରି ଥାଆନ୍ତା, କିନ୍ତୁ ସମ୍ଭବତଃ ମୋ ଭାଗ୍ୟରେ ନଥିଲା ।



ସାମି ଖୁଲାସା କରିଛନ୍ତି ଯେ ଦୀର୍ଘ ୨ ମାସ ହେଲା ସେ ନିଜ ପ୍ରଦର୍ଶନକୁ ଆହୁରି ମାର୍ଜିତ କରିବାକୁ ଜୋରଦାର ପରିଶ୍ରମ କରୁଛନ୍ତି ଓ ଏବେ ସେ କମବ୍ୟାକ ପାଇଁ ପ୍ରସ୍ତୁତ ରହିଛନ୍ତି । ସେ କହିଛନ୍ତି, ଏବେ ସବୁ କିଛି ଭଲ ହୋଇଛି । ଦୁଇ ମାସ ହେଲେ ମୁଁ ଅଭ୍ୟାସ କରୁଛି ଓ ମୋ ଦକ୍ଷତାକୁ ବଢ଼ାଇଛି । ଦେଖାଯାଉ ମୋତେ କେଉଁ ଫଳ ମିଳୁଛି । ଲୟକୁ ଫେରିବା ଓ ଲମ୍ବା ସମୟ ଧରି ବୋଲିଂ କରିବା ଉପରେ ମୋ ଫୋକସ ରହିଛି । ମୁଁ ବ୍ୟାଟିଂ ଓ ଫିଲ୍ଡିଂ ଉପରେ ମଧ୍ୟ କାମ କରିଛି । ବହୁତ ଜିମ୍ କରିବାକୁ ପଡ଼ିଛି । ଏବେ ସବୁ କିଛି ସ୍ୱାଭାବିକ ଅନୁଭବ ହେଉଛି । ଏଯାଏ ସାମି ଭାରତ ପାଇଁ ୬୪ଟି ଟେଷ୍ଟ, ୧୦୮ ଦିନିକିଆ ଓ ୨୭ଟି ଟି-୨୦ ଖେଳିଛନ୍ତି । ୩ଟି ଯାକ ଫର୍ମାଟରେ ସେ ଦେଶ ପାଇଁ ୪୬୨ଟି ୱିକେଟ ନେଇଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ୍ ରାଜ୍ୟଗୋଷ୍ଠୀ କ୍ରୀଡ଼ା ୨୦୩୦ର ଆୟୋଜକ ହେବା ପ୍ରସ୍ତାବକୁ ମଞ୍ଜୁରୀ ଦେଇଛି । ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ପାଇଁ ଅହମ୍ମଦାବାଦ ସହର ଉପରେ ମୋହର ବାଜିଛି । ବିଶ୍ୱ ସ୍ତରୀୟ ଷ୍ଟାଡିୟମ, ଅତ୍ୟାଧୁନିକ ପ୍ରାକଟିସ୍ ସୁବିଧା ଓ ଖେଳ ସଂସ୍କୃତି କାରଣରୁ ଅହମ୍ମଦାବାଦକୁ ଚୟନ କରାଯାଇଛି । ଭାରତୀୟ ଅଲିମ୍ପିକ୍ ସଂଘ (ଆଇଓସି)ର ସହମତିର କିଛି ଦିନ ପରେ କ୍ୟାବିନେଟ୍ ଏହି ନିଷ୍ପତ୍ତି ନେଇଛି । ରାଜ୍ୟଗୋଷ୍ଠୀ କ୍ରୀଡ଼ା ୨୦୩୦ ଆୟୋଜକ ହେବା ପାଇଁ ଇଚ୍ଛା ପତ୍ର ଦାଖଲ କରିଛି । ପ୍ରଧାନମନ୍ତ୍ରୀ ମୋଦୀଙ୍କ ଅଧ୍ୟକ୍ଷତାରେ କେନ୍ଦ୍ରୀୟ କ୍ୟାବିନେଟ୍ ରାଜ୍ୟଗୋଷ୍ଠୀ କ୍ରୀଡ଼ା ୨୦୩୦ର ଆୟୋଜକ ହେବା ନେଇ ଯୁବ ବ୍ୟାପାର ଓ ଖେଳ ମନ୍ତ୍ରଣାଳୟ ପ୍ରସ୍ତାବକୁ ମଞ୍ଜୁରି ଦେଇଛି । ଏହାସହ ଆବଶ୍ୟକୀୟ ଗ୍ୟାରେଣ୍ଟି ସହ ଆୟୋଜକ ସହଯୋଗ ବୁଝାମଣା ଅନୁସାରେ ଗୁଜରାଟ ସରକାରଙ୍କୁ ଅନୁଦାନ ପାଇଁ ମଞ୍ଜୁରି ଦିଆଯାଇଛି । ଉଲ୍ଲେଖଯୋଗ୍ୟ ଯେ ଆୟୋଜକ ହେବା ପାଇଁ ଆବେଦନ ଦାଖଲର ଶେଷ ତାରିଖ ଅଗଷ୍ଟ ୩୧ ।



# ଅହମ୍ମଦାବାଦରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା

ଭାରତ ଶେଷ ଥର ପାଇଁ ୨୦୧୦ରେ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଆୟୋଜକ ଥିଲା । ସେହି ସମୟରେ ଦିଲ୍ଲୀରେ ଏହି କ୍ରୀଡ଼ା ମହାକୁମ୍ଭର ଆୟୋଜନ କରାଯାଇଥିଲା । ୭୨ ଦେଶର ଖେଳାଳି ଏଥିରେ ଅଂଶଗ୍ରହଣ କରିଥିଲେ । ଭାରତ ଯଦି ଆୟୋଜକ ହେବା ପାଇଁ ସଫଳ ହୁଏ, ତେବେ ସ୍ଥାନୀୟ ବ୍ୟବସାୟୀଙ୍କୁ ଲାଭ ଓ ରାଜସ୍ୱ ମଧ୍ୟ ମିଳିବ । ଭାରତୀୟ ଅଲିମ୍ପିକ ସଂଘ ଅଗଷ୍ଟ ୧୩ରେ ସ୍ୱତନ୍ତ୍ର ସାଧାରଣ ବୈଠକରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ପ୍ରସ୍ତାବକୁ ମଞ୍ଜୁରି ଦେଇଥିଲା । ଆଇଓଏ ଅଧ୍ୟକ୍ଷ ପିଟି ଉଷା ସେହି ସମୟରେ କହିଥିଲେ ଯେ ଅହମ୍ମଦାବାଦ ସହ ଦିଲ୍ଲୀ ଓ ଭୁବନେଶ୍ୱରରେ ଆୟୋଜନ ପାଇଁ ବିଚାର କରାଯିବ । କିନ୍ତୁ ପରେ ଅହମ୍ମଦାବାଦରେ ଆୟୋଜନ ପାଇଁ ସ୍ଥିର କରାଯାଇଛି ।

# ଆଇପିଏଲ ଖେଳିବେନି ଅଶ୍ୱିନ

ଅନ୍ତର୍ଜାତୀୟ କ୍ରିକେଟ ପରେ ଆଇପିଏଲରୁ ଅବସର ନେଇଛନ୍ତି ଭେଟରାନ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ । ସେ ସମସ୍ତଙ୍କୁ ଚକିତ କରି ଆଇପିଏଲକୁ ଅଲବିଦା କହିଛନ୍ତି । ସୋଶିଆଲ ମିଡିଆରେ ଅଶ୍ୱିନ ଏକଥା ଘୋଷଣା କରିବା ସହ ଏବେ ସେ ନୂଆ ଇନିଂସ ଆରମ୍ଭ କରିବେ ବୋଲି ସୂଚନା ଦେଇଛନ୍ତି । ସେ ବିଶ୍ୱ ବିଭିନ୍ନ ଲିଗ କ୍ରିକେଟ ଖେଳିବେ ବୋଲି କହିଛନ୍ତି । ଟିମ ଇଣ୍ଡିଆର ପୂର୍ବତନ ସ୍ପିନର ଅଶ୍ୱିନ ଆଇପିଏଲରେ ବିଭିନ୍ନ ଫ୍ରାଞ୍ଚାଇଜ ପକ୍ଷରୁ ୨୨୧ଟି ମ୍ୟାଚ ଖେଳିବା ସହ ୧୮୭ଟି ଓ୍ୱିକେଟ ଦଖଲ କରିଥିଲେ । ସେ କହିଛନ୍ତି, ସ୍ୱତନ୍ତ୍ର ଦିନ ଓ ଗୋଟିଏ ସ୍ୱତନ୍ତ୍ର ଆରମ୍ଭ । ପ୍ରତଟି ଶେଷ ଗୋଟିଏ ନୂଆ ଆରମ୍ଭ, ଆଇପିଏଲ କ୍ରିକେଟରମାନେ ମୋର ଦିନ ଶେଷ । କିନ୍ତୁ ବିଶ୍ୱର ଏକାଧିକ ଲିଗକୁ ଉପଭୋଗ କରିବା । ବିଗତ ବର୍ଷଗୁଡ଼ିକରେ ଚମତ୍କାର ମୁହୂର୍ତ୍ତ ଓ ସମ୍ପର୍କ ପାଇଁ ମୁଁ ସମସ୍ତ ଫ୍ରାଞ୍ଚାଇଜକୁ ଧନ୍ୟବାଦ ଜଣାଉଛି । ବିଶେଷ କରି ଆଜିଯାଏ ମୋତେ ସବୁ କିଛି ଦେଇଥିବା ଆଇପିଏଲ ଓ ବିସିସିଆଇକୁ ଧନ୍ୟବାଦ । ୨୦୦୮ ରୁ ଆରମ୍ଭ ହୋଇଥିବା ଆଇପିଏଲରେ ଅଶ୍ୱିନ ୫ଟି ଭିନ୍ନଭିନ୍ନ ଟିମ ପାଇଁ ଖେଳିଥିଲେ । ଏପରି କି ସେ ପଞ୍ଜାବ ଫ୍ରାଞ୍ଚାଇଜର ଅଧିନାୟକ ଭାବେ ଦାୟିତ୍ୱ ତୁଲାଇ ଥିଲେ । ସେ ଚେନ୍ନାଇ ସୁପର କିଙ୍ଗସ, ରାଇଜିଂ ପୁଣେ ସୁପର ଜାଏଣ୍ଟସ, ପଞ୍ଜାବ କିଙ୍ଗସ, ଦିଲ୍ଲୀ କ୍ୟାପିଟାଲ୍ସ ଓ ରାଜସ୍ଥାନ ରୟାଲ୍ସ ପାଇଁ ଆଇପିଏଲ ଖେଳିଛନ୍ତି ।




ଆଇପିଏଲ ଇତିହାସରେ ୫ମ ସର୍ବାଧିକ ଓ୍ୱିକେଟ ଦଖଲକାରୀ କ୍ରିକେଟର ଭାବେ ଅଶ୍ୱିନ ଏହି ଟୁର୍ଣ୍ଣାମେଣ୍ଟକୁ ଅଲବିଦା କହିଛନ୍ତି । ତାଙ୍କ ଉପରେ ଯୁଜି ଚହଲ, ଭୁବନେଶ୍ୱର କୁମାର, ସୁନୀଲ ନାରିନ ଓ ପୀୟୂଷ ଚାଓ୍ୱଲା ରହିଛି । ରାଜସ୍ଥାନ ରୟାଲ୍ସ ପାଇଁ ଅଶ୍ୱିନ ସର୍ବାଧିକ ୮୩୩ ରନ କରିଥିଲେ । ଅଶ୍ୱିନ ନିଜର ଶେଷ ଆଇପିଏଲ ସଂସ୍କରଣ ଚେନ୍ନାଇ ସୁପର କିଙ୍ଗସ ସହ ଖେଳିଥିଲେ । ସେ ୨୦୨୫ରେ ୭ଟି ଓ୍ୱିକେଟ ନେବା ସହ ୯ଟି ଇନିଂସରେ ୩୩ ରନ କରିବାକୁ ସକ୍ଷମ ହୋଇଥିଲେ । ୨୦୨୫ରେ ଚେନ୍ନାଇ ଆଇପିଏଲରେ ଜିତିବାକୁ ସଂଘର୍ଷ କରୁଥିବା ବେଳେ ଅଶ୍ୱିନ ନିଜ ୟୁଟ୍ୟୁବ ଚ୍ୟାନେଲରେ ଦଳର ଅନ୍ୟତମ ଖେଳାଳି ନୁର ଅହମଦଙ୍କୁ ସମାଲୋଚନା କରି ବିବାଦ ଘେରକୁ ଆସିଥିଲେ । ୨୦୨୫ରେ ଚେନ୍ନାଇ ଅଶ୍ୱିନକୁ ୯.୭୫ କୋଟି ଟଙ୍କା ବଳରେ ନିଜ ସହ ସାମିଲ କରିଥିଲା । ତେବେ ତାଙ୍କ ପ୍ରଦର୍ଶନ ଆଖି ଦୃଶିଆ ନଥିବାରୁ ୨୦୨୬ ପୂର୍ବରୁ ତାଙ୍କୁ ଦଳ ରିଲିଜ କରି ଦେବ ବୋଲି ଚର୍ଚ୍ଚା ହେଉଥିଲା । ଏହାପୂର୍ବରୁ ଅଶ୍ୱିନ ଆଇପିଏଲରୁ ଅବସର ଘୋଷଣା କରିଛନ୍ତି । ସେ ଆଇପିଏଲରୁ ଅବସର ନେଇଥିବା ବେଳେ ଏବ ବିଶ୍ୱର ବିଭିନ୍ନ ସ୍ଥାନରେ ହେଉଥିବା ଫ୍ରାଞ୍ଚାଇଜ କ୍ରିକେଟରେ ଭାଗ ନେବେ ବୋଲି କହିଛନ୍ତି ।

ନିକଟରେ ରିଲିଜ ହୋଇଥିବା ଫିଲ୍ମରେ ନିତ୍ୟା ମେନନ ନିଜର ଅଭିନୟ ପାଇଁ ଖୁବ ଚର୍ଚ୍ଚାରେ ଅଛନ୍ତି । ଫିଲ୍ମଟି ଦର୍ଶକଙ୍କୁ ଏତେ ଆକୃଷ୍ଟ କରିପାରି ନଥିଲେ ବି ନିତ୍ୟାଙ୍କର ଅଭିନୟ ସମସ୍ତଙ୍କୁ ଭଲ ଲାଗିଛି, ଯାହାର ପ୍ରଶଂସା ସୋସିଆଲ ମିଡିଆରେ କରାଯାଉଥିବା ଦେଖିବାକୁ ମିଳିଛି ।

# ଅଭିନୟ ସାଉଁଟୁଛି ପ୍ରଶଂସା



ନିକଟରେ ରିଲିଜ ହୋଇଛି ଫିଲ୍ମ ଥାଲାଇଭାନ୍ ଥାଲାଇଭି, ଯେଉଁଥିରେ ଦର୍ଶକ ବିଜୟ ସେଥୁପଥି ଓ ନିତ୍ୟା ମେନନ୍ଙ୍କୁ ଏକାଠି ଦେଖିଛନ୍ତି । ତେବେ ଏହି ଦୁଇଜଣଙ୍କ କେମେଷ୍ଟ୍ରୀ ଫିଲ୍ମକୁ ହିଟ୍ କରାଇବାରେ ସଫଳ ହୋଇପାରିନାହିଁ ବୋଲି ଆଲୋଚନା ଜାରି ରହିଛି । ଫିଲ୍ମଟି ଏକ ରୋମାଣ୍ଟିକ ଆକସନ୍ କମେଡି ଡ୍ରାମା । ଫିଲ୍ମର କାହାଣୀ ଦୁର୍ବଳ ଥିଲା ଯାହାକୁ ମେକର୍ସ ଏହି ଯୋଡିର କେମେଷ୍ଟ୍ରୀ ଉପରେ ଭରସା କରି ରିଲିଜ୍ କରିଥିଲେ । ହେଲେ ଏହା ହୋଇପାରିଲା ନାହିଁ ବୋଲି ସମୀକ୍ଷକ ମତ ଦେଇଛନ୍ତି । ଫିଲ୍ମ ଭଲ ନହେଲେ ମଧ୍ୟ ନିତ୍ୟା ମେନନ ନିଜ ଅଭିନୟ ପାଇଁ ଖୁବ ଚର୍ଚ୍ଚା ସାଉଁଟୁଥିବା ଦେଖିବାକୁ ମିଳୁଛି । ୧୯ ୯୦ରେ ଜନ୍ମିତ ନିତ୍ୟା ଖୁବ କମ ଦିନରେ ଅନେକ ଫିଲ୍ମରେ ଅଭିନୟ କରି ନିଜ ପାଇଁ ଇଣ୍ଡଷ୍ଟ୍ରୀର ଏକ ସ୍ୱତନ୍ତ୍ରସ୍ଥାନ ତିଆରି କରିବାରେ ସକ୍ଷମ ହୋଇ ପାରିଛନ୍ତି । ବର୍ତ୍ତମାନସୁଦ୍ଧା କ୍ୟାରିୟରରେ ପାଖାପାଖି ୬୧ଟି ଫିଲ୍ମରେ ସେ ଅଭିନୟ କରି ସାରିଛନ୍ତି । ତାଙ୍କ ନିଖୁଣ ଅଭିନୟ ପାଇଁ ଉଭୟ ବଲିଉଡ ଓ ସାଉଥ ସବୁସ୍ଥାନରେ ସେ ପ୍ରଶଂସା ସାଉଁଟିଥାଆନ୍ତି । ସାମ୍ବାଦିକ ଗଣଯୋଗାଯୋଗରେ ପଟା ପଢିବା ପରେ ସେ ଏହି ପ୍ରଫେସନକୁ ନିଜ କ୍ୟାରିୟର ଭାବେ ଚୟନ କରିଥିଲେ । ତେବେ ପିଲାବେଳୁ ପାଇଲଟ ହେବା ପାଇଁ ଖୁବ ଆଗ୍ରହ ଥିଲା, ହେଲେ ଏପରି ହୋଇପାରିଲା ନାହିଁ । ସମୟ ଅନୁସାରେ ତାଙ୍କର ଆଗ୍ରହ ମଧ୍ୟ ବଦଳିଥିଲା ଏବଂ ସେ ଅଭିନୟକୁ ନିଜ କ୍ୟାରିୟର ଭାବେ ଚୟନ କରିଥିଲେ । ନିତ୍ୟାଙ୍କୁ ଏକାଧୀକ ଭାଷାର ଫିଲ୍ମରେ ଦେଖିବାକୁ ମିଳିଛି । କେବଳ ଅଭିନୟ ନୁହେଁ ବାସ୍ତବ ଜୀବନରେ ମଧ୍ୟ ନିତ୍ୟା ଅନେକ ଭାଷା ଅର୍ଥାତ ୬ଟି ଭାଷାରେ କଥା ହୋଇପାରନ୍ତି । ପିଲାଦିନୁ ଶିଶୁ କଳାକାର ଭାବେ ସେ ନିଜର ଅଭିନୟ କ୍ୟାରିୟର ଆରମ୍ଭ କରିଥିଲେ । ମାତ୍ର ୮ ବର୍ଷରେ ସେ ଫିଲ୍ମ ହନୁମାନରେ ସେ ଶିଶୁ କଳାକାର ଭାବେ ଅଭିନୟ ଆରମ୍ଭ କରିଥିଲେ । ଏହାପରେ ୨୦୦୬ରେ ମାତ୍ର ୧୬ ବର୍ଷରେ ସେ ବଡପରଦାରେ ପାଦ ରଖିଥିଲେ । ତାଙ୍କୁ କାନାଡା ଫିଲ୍ମ ସେଭେନ ଓ କ୍ଲକ୍ ରେ ଦେଖିବାକୁ ମିଳିଥିଲା । ଏହାପରେ ଆଉ ପଛକୁ ଫେରି ନାହାନ୍ତି ନିତ୍ୟା, ଗୋଟିଏ ପରେ ଗୋଟିଏ ଫିଲ୍ମ ସେ ଦର୍ଶକଙ୍କୁ ଭେଟି ଦେଇଥିଲେ । ୨୦୧୧ରୁ ୨୦୧୪ ଭିତରେ ସଫଳତାର ଏକ ନୂଆ ସ୍ୱାଦ ଚାଖିଥିଲେ ନିତ୍ୟା । ଏହି ସମୟରେ ସେ ଏକ ଭିନ୍ନ ଷ୍ଟାରଡମ ଦେଖିଥିଲେ । ତାଙ୍କର ଅନେକ ଫିଲ୍ମ ଏହି ସମୟରେ ହିଟ୍ ହେବା ସହିତ ତାଙ୍କୁ ଜଣେ ଆଗ ଧାଡିର ନାୟିକା ସଜାଇଥିଲା ।